୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.62 Bhubaneswar Thursday April 11 2024 ୨୬ତମ ବର୍ଷ ସଂଖ୍ୟା–୬୨ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୧୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ଡିଏମକେ ଉପରେ ମୋଦିଙ୍କ 'ପ୍ରଥମ କପି ରାଇଟ୍ ଦୁର୍ନୀତି' ହମଲା

ଭୁବନେଶ୍ୱର,୧୦।୪(ପି.ଏନ): ନିର୍ବାଚନ ପାଖେଇ ଆସୁଥିବା ବେଳେ ତାମିଲନାଡୁରେ କ୍ଷମତାସୀନ ଡିଏମକେ ଉପରେ ନିଜର ହମଲାକୁ ଜୋରଦାର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଡିଏମକେ ଗୋଟିଏ ପରିବାରର କମ୍ପାନୀ ପାଲଟିଛି।ଡିଏମକେ ପାଖରେ ଦୁର୍ନୀତିର ପ୍ରଥମ କପି ରାଇଟ ରହିଛି। ପୂରା ପରିବାର ତାମିଲନାଡୁକୁ ଲୁଟ କରି ଚାଲିଛନ୍ତି ବୋଲି ମୋଦି ଭେଲ୍‌ଲୋରରେ ଆୟୋଜିତ ରାଲିରେ ଅଭିଯୋଗ କରିଛନ୍ତି।

ବିଜେଡିକୁ ମହଙ୍ଗା ପଡିବ କି ଚେହେରା ପରିବର୍ତ୍ତନ ? ଉଠିଲାଣି ପ୍ରତିବାଦର ସ୍ୱର

ଭୁବନେଶ୍ୱର,୧୦।୪(ପି.ଏନ): ଚଳିତ ବିଧାନସଭା ନିର୍ବାଚନରେ ରାଜ୍ୟର କ୍ଷମତାସୀନ ବିଜେଡି ଅନେକ ସ୍ଥାନରେ ଚେହେରା ଅଦବଦଳ କରିଛି। ଗୋଟିଏ ଜାଗାରୁ ଜଣେ ନେତାଙ୍କୁ ଆଣି ଅନ୍ୟ ସ୍ଥାନରେ ଟିକେଟ ଦେଇ ଅଲଗା ପ୍ରକାରର ଏକ୍ସପେରିମେଣ୍ଟ କରୁଛି ବିଜେଡି। ବ୍ରହ୍ମଗିରି- ସତ୍ୟବାଦୀରେ ସଞ୍ଜୟ ଦାସବର୍ମା ଓ ଉମା ସାମନ୍ତରାୟଙ୍କ ଭିତରେ ସିଟ ଅଦଳବଦଳ କରାଯାଇଛି। ସେହିପରି ଭଦ୍ରକ ଆଉ ଭଣ୍ଡାରୀପୋଖରୀରେ ସଞ୍ଜୀବ ମଲ୍ଲିକ ଓ ପ୍ରଫୁଲ୍ଲ ସାମଲଙ୍କ ମଧ୍ୟରେ ହୋଇଛି ସ୍ୱାପ୍। ତେଣେ ସାଲେପୁରରୁ ପ୍ରକାଶ ବେହେରାଙ୍କୁ ଆଣି କଟକ-ବାରବାଟୀରୁ ଦଳ ଦେଇଛି ଟିକେଟ୍। ହେଲେ ଏପରି ଚେହେରା ପରିବର୍ତ୍ତନର ଷ୍ଟ୍ରାଟେଜି ସଫଳ ହେବ ତ ? ଫେଲ୍ ମାରିବ କି ବିଜେଡିର ନେତାଙ୍କ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ ରଣନୀତି ? ବୁମେରାଂ ହେବନି ତ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଚେହେରା ପରିବର୍ତ୍ତନ ? କାହିଁକି ନା ନିର୍ବାଚନ ମଣ୍ଡଳୀ ବାହାରୁ ନେତାଙ୍କୁ ଗ୍ରହଣ କରିବାକୁ ନାରାଜ କର୍ମୀ। ଆଉ କେଉଁଠି ଆମଦାନୀ ନେତାଙ୍କୁ ଦଳକୁ ଆଣିଥିଲେ ବି ତାଙ୍କୁ ସମର୍ଥନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ବିଜେଡି ସମର୍ଥକ।

ପ୍ରଚାର ପାଇଁ ଓଡିଶା ଆସିବେ ସୋନିଆ ଓ ରାହୁଲ ଗାନ୍ଧି

ଭୁବନେଶ୍ୱର,୧୧।୪(ପି.ଏନ): ଓଡିଶାରେ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସର ଦୁଇ ହେଭିୱେଟ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧି ଆସିବେ। ବିଶେଷ କରି କୋରାପୁଟ ଲୋକସଭା ନିର୍ବାଚନ ପାଇଁ ଉଭୟ ଆସିବେ। ଏନେଇ ଆଜି କୋରାପୁଟର କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ସୂଚନା ଦେଇଛନ୍ତି।ଆଜି କୋରାପୁଟ ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ସାଂସଦ ସପ୍ତଗିରି ଉଲାକା ଗଣମାଧ୍ୟମକୁ ଷ୍ଟାର ପ୍ରଚାରକଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମେ ପ୍ରଥମ ସପ୍ତାହରେ ସୋନିଆ, ରାହୁଲଙ୍କ ସହ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓଡିଶା ଗସ୍ତ କରିବେ।

ଭୋଟ ପାଇଁ ଯାଉଥିଲା କି ନୋଟ ? କାରରୁ ମିଳିଲା ନଗଦ ୪.୫ ଲକ୍ଷ

ଭୁବନେଶ୍ୱର,୧୦।୪(ପି.ଏନ): ଦେଶ ତଥା ରାଜ୍ୟରେ ଏବେ ନିର୍ବାଚନ ଋତୁ ଚାଲିଛି। ଏପ୍ରିଲ ୧୯ରୁ ଦେଶରେ ପ୍ରଥମ ପର୍ଯ୍ୟାୟ ଭୋଟିଂ ଆରମ୍ଭ ହେବ। ସେହିପରି ଓଡିଶାରେ ମେ' ୧୩ରୁ ଲୋକମାନେ ୩ଟି ପର୍ଯ୍ୟାୟରେ ରାଜ୍ୟର ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନ ପାଇଁ ମତାଧିକାର ସାବ୍ୟସ୍ତ କରିବେ।ଏହାପୂର୍ବରୁ କିନ୍ତୁ ନେତାମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି। ବିଭିନ୍ନ ଉପାୟରେ ସେମାନେ ଲୋକଙ୍କ ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରୁଛନ୍ତି।

ନକ୍ସଲ ଓ ମାଓ ଦମନକୁ ନେଇ ପୁଲିସ ଡିଜିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୧୦।୪(ପି.ଏନ): ନକ୍ସଲ ଓ ମାଓ ଦମନକୁ ନେଇ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ପୁଲିସ ଡିଜିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ଏଥିରେ ଗୁଇନ୍ଦା ଭିବାଗ ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅପରେସନ ଦେବଦତ୍ତ ସିଂ ଓ ଆଇନଶୃଙ୍ଖଳା ଏଡିଜି ସଂଜୟ କୁମାର ଉପସ୍ଥିତ ଅଛନ୍ତି। ଏହାଛଡା ବରିଷ୍ଠ ଆଇପିଏସ ଅଧିକାରୀ ମଧ୍ୟ ବେ ?ଠକରେ ଯୋଗ ଦେଇଛନ୍ତି। ଆଗକୁ ନିର୍ବାଚନ ଆସୁଥିବା ବେଳେ ମାଓବାଦୀ ଓ ନକ୍ସଲ କାର୍ଯ୍ୟକଳାପ ଉପରେ ରୋକ ଲଗାଇବାକୁ ଏହି ବେ ?ଠକରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହେଉଛି। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେଉଥିବା ସୂଚନା ମିଳିଛି।

ରେଳବାଇ ଉତ୍ତର ପୂର୍ବାଞ୍ଚଳର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ରୂପେ ଅନୁପ ଶତପଥୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୧୦।୪(ପି.ଏନ): ୧୯୯୩ ବ୍ୟାଚ ଆଇଆରଟିଏସ୍ ଅଧିକାରୀ ଅନୁପ କୁମାର ଶତପଥୀଙ୍କୁ ଉତ୍ତର ପୂର୍ବାଞ୍ଚଳ ରେଳବାଇର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ରୂପେ ପଦୋନ୍ନତି ମିଳିଛି। ଏହି ସମ୍ପର୍କରେ ରେଳବାଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପୂର୍ବରୁ ଶ୍ରୀ ଶତପଥୀ ହାଓ୍ୱାଡାରେ ପୂର୍ବାଞ୍ଚଳ ରେଳବାଇ ମୁଖ୍ୟ ପରିବହନ ଯୋଜନା ପରିଚାଳକ ରୂପେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ ଗତ ବର୍ଷ ବିଶାଖାପାଟଣାରେ ସଫଳତାର ସହ ଡିଆରଏମ୍ ରୂପେ ଦାୟିତ୍ୱ ତୁଲାଇ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିବାରୁ ଶ୍ରୀ ଶତପଥୀଙ୍କୁ ପୂର୍ବାଞ୍ଚଳ ରେଳବାଇ ମୁଖ୍ୟ ପରିବହନ ଯୋଜନା ପରିଚାଳକ ରୂପେ ପଦୋନ୍ନତି ମିଳିଥିଲା। ବର୍ତ୍ତମାନ ସେ ଗୋରଖପୁର ଉତ୍ତର ପୂର୍ବାଞ୍ଚଳର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପରିଚାଳକ ଭାବରେ ଅବସ୍ଥାପିତ ହୋଇଛନ୍ତି। ପୂର୍ବରୁ ଶ୍ରୀ ଶତପଥୀ କୋଲକାତା ଏବଂ ବିଲାସପୁର ଡିବିଜନର ମୁଖ୍ୟ ଅପରେସନ ମ୍ୟାନେଜର, ନାଗପୁର ଏବଂ ରାୟପୁରର ଡିଭିଜନର ସୁରକ୍ଷା ଅଧିକାରୀ, ବିଲାସପୁର ଡିଭିଜନର ମୁଖ୍ୟ ବାଣିଜ୍ୟ ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ଶତପଥୀ ନିଜର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ରେଳବାଇ ଡିଭିଜନରେ ଉଚ୍ଚ ପ୍ରଶଂସା ସହ ପୁରସ୍କୃତ ହୋଇଛନ୍ତି।

ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କୁ ପୁଣି ବିରୋଧ; ବୀରମହାରାଜପୁରରେ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର/ବୀରମହାରାଜପୁର, ୧୦।୪(ପି.ଏନ): ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ପୁଣି ବିରୋଧ କରାଯାଇଛି। ଦୁଇ ଦିନ ପୂର୍ବରୁ କନ୍ଧମାଳ ଜିଲ୍ଲା ଖଜୁରୀପଡାରେ ଶ୍ରୀ ବେହେରାଙ୍କୁ ବିରୋଧ କରାଯାଇଥିଲା। ବିଜେଡିର ବିଦ୍‌ରୋହୀମାନେ ବୁଧବାର ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ପଦ୍ମନାଭ ବେହେରାଙ୍କୁ ବିରୋଧ କରିଛନ୍ତି। ବୀରମହାରାଜପୁରରେ ବିଜେଡି ପ୍ରାର୍ଥୀ ହେଲା ପରେ ବିଧାୟକ ଶ୍ରୀ ବେହେରାଙ୍କୁ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମର୍ଥକମାନେ ଏହି ବିରୋଧ କରିଛନ୍ତି। ଶ୍ରୀ ଲୁହାଙ୍କ ଶତଧିକ ସମର୍ଥକ ଏକ ଶୋଭାଯାତ୍ରାରେ ମେଳଣ ପଡ଼ିଆରୁ ବାହାରି ବୀରମହାରାଜପୁର ମୁଖ୍ୟଛକରେ ପଦ୍ମନାଭ ବେହେରା ଗୋ ବ୍ୟାକ୍ ? ନାରା ଦେଇଥିଲେ। ଏଥି ସହିତ ବିଦ୍‌ରୋହୀ କର୍ମୀମାନେ ପଦ୍ମନାଭଙ୍କ କୁଶପୁତ୍ତଳିକା ଦାହ କରିଥିଲେ।ଚଳିତ ବିଧାନସଭା ନିର୍ବାଚନରେ ବୀରମହାରାଜପୁର ଆସନ ପାଇଁ ଶ୍ରୀ ଲୁହା ମଧ୍ୟ ବିଜେଡି ଟିକେଟ ଆଶାୟୀ ଥିଲେ। ତେବେ ଦଳ ଏଠାରେ ପୁଣିଥରେ ପଦ୍ମନାଭଙ୍କୁ ଟିକେଟ୍ ? ଦେଲା ପରେ ଅନେକ ବିଜେଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ପ୍ରାର୍ଥୀ ନାରାୟଣଙ୍କୁ ଦଳ ପ୍ରାର୍ଥୀ କରିନଥିବାରୁ ଓ ବାହାର ଜିଲ୍ଲାରୁ ଆସିଥିବା ପଦ୍ମନାଭଙ୍କୁ ପ୍ରାର୍ଥୀ କରିଥିବାରୁ ବିଦ୍‌ରୋହୀମାନେ ବିରୋଧ କରିଥିଲେ। ଏହା ପରେ ଏକ ଶୋଭାଯାତ୍ରାରେ ନାରାୟଣଙ୍କ ସମର୍ଥକମାନେ ସ୍ଥାନୀୟ ମୈତ୍ରୀ ସଦନ ସମ୍ମୁଖରେ ନୂତନ ଭାବରେ ଉଦ୍ ?ଘାଟନ ହୋଇଥିବା ପ୍ରଚାର କାର୍ଯ୍ୟ।ଳୟ ଠାରେ ପହଞ୍ଚି ଶ୍ରୀ ବେହେରାଙ୍କ ବିରୁଦ୍ଧରେ ନାରା ଦେଇଥିଲେ। ଫଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

ଭବ୍ୟ ସ୍ୱାଗତ ଦେଖି ଭାବବିହ୍ୱଳ ହେଲେ, ମୁଁ ବିଜେପିରେ ଅଛି କହିଲେ ଦିଲୀପ ରାୟ

ଭୁବନେଶ୍ୱର,୧୦।୪(ପି.ଏନ): ଦିଲ୍ଲୀରୁ ଫେରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟର ବରିଷ୍ଠ ରାଜନେତା ଦିଲୀପ ରାୟଙ୍କୁ ରାଉରକେଲାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଛି। ସାଧାରଣ ଲୋକ ଓ ବିଜେପି କର୍ମୀମାନେ ତାଙ୍କୁ ବାଣ ଫୁଟାଇ ସ୍ୱାଗତ କରିଛି। ଦିଲୀପ ରାଏଙ୍କ ସହିତ ବିଜେପିର ସୁନ୍ଦରଗଡ ସଂସାଦ ପ୍ରାର୍ଥୀ ଜୁଏଲ୍ ଓରାମ ମଧ୍ୟ ରହିଥିଲେ।ଦିଲୀପ ବିଜେପି ଟିକେଟରେ ରାଉରକେଲାରୁ ଲଢ଼ିବେ ବୋଲି ପୂର୍ବରୁ ଜୁଏଲ କହି ସାରିଥିଲେ। କିନ୍ତୁ ଆଜି ଦିଲୀପ ରାୟ ବଡ ବୟାନ ଦେଇଛନ୍ତି। ତାଙ୍କ ପ୍ରତି ଥିବା ସମର୍ଥନକୁ ଦେଖି ସେ ଭାବବିହ୍ୱଳ ହୋଇପଡିଛନ୍ତି। ସେ କହିଛନ୍ତି ଯେ "ମୁଁ ବିଜେପିରେ ଅଛି। ବିନା ନିର୍ବାଚନରେ ଲୋକ ମୋତେ ଜିତାଇ ସାରିଲେଣି। ମୁଁ ପୂର୍ବରୁ ବିଜେପିରୁ ଇସ୍ତଫା ଦେଇଥିଲି। କିନ୍ତୁ ଦଳ ତାକୁ ଗ୍ରହଣ କରି ନାହିଁ। ତେଣୁ ମୁଁ ବିଜେପି ଦଳର ସଦସ୍ୟ। ନିର୍ବାଚନ ପାଇଁ ଲୋକମାନେ ପ୍ରସ୍ତୁତ ଅଛନ୍ତି। ମୁଁ ବି ପ୍ରସ୍ତୁତ ଅଛି। ପାର୍ଟି ଯାହା ନିଷ୍ପତ୍ତି ନେବେ, ସେକଥା ୨ ଦିନ ଭିତରେ ଜଣାପଡି ଯିବ।"ଅନ୍ୟପକ୍ଷରେ ଏଥର ରାଉରକେଲାରେ ବଡ ଲଢ଼େଇ ଦେଖିବାକୁ ମିଳିବ। କାରଣ ବିଜେଡିରୁ ଶାରଦା ନାୟକ ପ୍ରାର୍ଥୀ ହୋଇଛନ୍ତି। ବିଜେପି ଏଯାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନଥିଲେ ହେଁ ଦିଲୀପ ରାୟ ହିଁ ଟିକେଟ ପାଇବା ଏକପ୍ରକାରର ନିଶ୍ଚିତ ହୋଇ ସାରିଛି। ୨୦୧୪ ନିର୍ବାଚନରେ ଶାରଦା ନାୟକ ଓ ଦିଲୀପ ରାୟଙ୍କ ଭିତରେ କଡା ଟକ୍କର ଦେଖିବାକୁ ମିଳିଥିଲା। ଏଥିରେ ଦିଲୀପ ରାୟ ବିଜୟୀ ହୋଇଥିଲେ। ୨୦୧୪ ପୁନରାବୃତ୍ତି ପୁଣି ୨୦୨୪ରେ ହେବାକୁ ଯାଉଥିବା କୁହାଯାଉଛି।

ବଡ ନିଷ୍ପତ୍ତି ନେଲେ ରାଜ୍ୟ ସରକାର: ସମସ୍ତ ଓଡିଆ ମିଡିୟମ୍ ପ୍ରାଇଭେଟ୍ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା ପୁସ୍ତକ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଛାତ୍ରଛାତ୍ରୀଙ୍କୁ ମାଗଣାରେ ଖାଇବା, ଡ୍ରେସ, ଲାପଟପ, ବହି ଆଦି ପ୍ରଦାନ କରୁଛନ୍ତି । ତେବେ ଏହା ମଧ୍ୟରେ ରାଜ୍ୟ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସମସ୍ତ ଘରୋଇ ଓ ଅନୁଦାନପ୍ରାପ୍ତ ଓଡିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାଗଣା ପୁସ୍ତକ ମିଳିବ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏହି ସୁବିଧା ପାଇବେ ।ଏଥିପାଇଁ ସରକାରୀ ସ୍କୁଲରେ ନାମ ଲେଖାଇଥିବା ବା ପ ?ଢିବା ଛାତ୍ରଛାତ୍ରୀଙ୍କ ତାଲିକା ପ୍ରଦାନ କରାଯାଇଛି । ଏଥିସହିତ ଓଡିଆ ମାଧ୍ୟମ ସ୍କୁଲରେ ଶିକ୍ଷାଦାନ କରୁଥିବା ଘରୋଇ ସ୍କୁର ଛାତ୍ରଛାତ୍ରୀଙ୍କର ଏକ ତାଲିକା ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ସ୍କୁଲକୁ ମଗାଯାଇଛି । ଏନେଇ ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାର (ଡିଇଓ) ଓ ବ୍ଲକ ଶିକ୍ଷା ଅଧିକାର (ବିଇଓ)ଙ୍କୁ ପତ୍ର ଲେଖାଯାଇଛି । ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମରୁ ଅଷ୍ଟମ କ୍ଲାସରେ ଆଡମିଶନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯିବ । ସେଥିପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଟେକ୍ସଟ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ (ଟିବିପିଏମ)କୁ ପୁସ୍ତକ ଛାପିବା ଓ ବଣ୍ଟନ ଦାୟିତ୍ୱ ଦିଆଯାଇଛି । ଏହି ସଂସ୍ଥା ଉଭୟ ସରକାରୀ ଓ ଘରୋଇ ସ୍କୁଲରେ ପୁସ୍ତକ ବଣ୍ଟନ କରିବ ।

ଦୁଇ ବାଇକ ମୁହାଁମୁହିଁ: ୩ ମୃତ, ୪ ଗୁରୁତର

ଜୟପୁର,୧୦।୪(ପି.ଏନ): ଗତକାଲି ରାତି ସାଢ଼େ ୧୦ଟା ବେଳେ ଜୟପୁର ବ୍ଲକ ଅରନ୍ତଗତ ଗାଗନାପୁର ନିକଟସ୍ଥ ତୁମୁରୀଗୁଡା ନିକଟରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହେବା ପରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ବୋଲି କହିଛନ୍ତି ଜୟପୁର ସଦରଥାନା ଅଧିକାରୀ ଇଶ୍ୱର ତାଣ୍ଡି। ବଳକା ୨ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁରରେ ଚିକିତ୍ସାଧୀନ ରହିଛନ୍ତି।

ଟି ଟାଇମ୍

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,

ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟିଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଙ୍କା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ

ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍

ରାଜ୍ୟ କଂଗ୍ରେସର ନୂତନ ସଭ୍ୟସଂଗ୍ରହ ଅଭିଯାନ

ଭୁବନେଶ୍ୱର (ପିଏନ୍)- ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ସଭ୍ୟସଂଗ୍ରହ ଅଭିଯାନ ସାରା ରାଜ୍ୟର ଜିଲ୍ଲାସ୍ତର ଠାରୁ ଆରମ୍ଭ କରି ପଂଚାୟତ ସ୍ତର ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ପ୍ରଭାରୀ ତଥା ଅଖିଳଭାରତୀୟ କଂଗ୍ରେସ କମିଟିର ସାଧାରଣ ସଂପାଦକ ଡ. ଏ ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ, ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ, କାର୍ଯ୍ୟକାରି ସଭାପତି ଶ୍ରୀ ଚିରଂଜୀବ ବିଶ୍ୱାଳ, ସାଂସଦ ସପ୍ତଗିରୀ ଉଲ୍ଲାକା, ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ଶରତ ପଟ୍ଟନାୟକ, କିଶୋର ପଟେଲ, ଶରତ ରାଉତ, ବରିଷ୍ଠ କଂଗ୍ରେସ ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ଶ୍ରୀ ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ରାଜନ ଏକା ଏବଂ ଯଜ୍ଞେଶ୍ୱର ବାବୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଂଚାସୀନ ସମସ୍ତ ଅତିଥିମାନଙ୍କୁ ଗାନ୍ଧୀ ସୁତା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସମ୍ଭାଷଣରେ କହିଥିଲେ ଯେ ସଭ୍ୟସଂଗ୍ରହ ହେଉଛି କଂଗ୍ରେସ ଦଳ ପାଇଁ ଏବଂ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ। ଏହି କାର୍ଯ୍ୟକୁ ଅତି ଆଗ୍ରହର ସହିତ ସାରା ରାଜ୍ୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ନୀତି ନିୟମ ଅନୁସାରେ ସଭ୍ୟ ସଂଗ୍ରହ କରାଯିବ। ନୂତନ ସଭ୍ୟ ସଂଗ୍ରହ ଗୋଟିଏ ରାଜନୈତିକ ଦଳକୁ ଖାଲି ଅଧିକ ଶକ୍ତିଶାଳୀ କରି ନ ଥାଏ ବରଂ ଏହାକୁ ନୂତନ ଚିନ୍ତା ଓ ଚେତନା ସମିଶ୍ରଣର ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟିକରିଥାଏ। ଆସନ୍ତା ଦିନରେ କିଭଳି ଭାବରେ ରାଜ୍ୟକୁ ଏବଂ ରାଷ୍ଟ୍ରନିର୍ମାଣରେ କେଉଁସବୁ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ, ଶ୍ରୀ ପଟ୍ଟନାୟକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇ କହିଥିଲେ ଆଜି ରାଜ୍ୟ ରସାତଳଗାମୀ। ରାଜ୍ୟର ହଜାର ହଜାର ଯୁବକଯୁବତୀ ଆଜି ବେକାର। ରୋଜଗାରର ପ୍ରଚୁର ସୁଯୋଗ ଥାଇ ମଧ୍ୟ ସରକାର ଜାଣିଶୁଣି ଆଜିର ଶିକ୍ଷିତ ଯୁବକ ଯୁବତୀଙ୍କୁ ବେକାର କରିବାରେ ଲାଗିଛନ୍ତି। ପ୍ରତିଦିନ ଏ ରାଜ୍ୟରେ ନାରୀ ନିର୍ଯ୍ୟାତିତା ହୁଏ କିନ୍ତୁ ଖୋଦ ମୁଖ୍ୟମନ୍ତ୍ରୀ ଏବଂ ବିଜୁ ଜନତା ଦଳ କହେ ମା'କୁ ସମ୍ମାନ ତାଙ୍କ ସରକାର ବା ତାଙ୍କ ଦଳର ପ୍ରାଥମିକ ଦାୟୀତ୍ୱ। ସରକାରଙ୍କର ଖୋଦ ମନ୍ତ୍ରୀଙ୍କ ବିରୋଧରେ ନାରୀ ନିର୍ଯ୍ୟାତନାର ସ୍ୱର ଉଠିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନୀରବ। ଅପ୍ରାପ୍ତ ବୟସ୍କା ବାଳିକାଙ୍କ ପ୍ରତି ଦ୍ରୁତ ଗତିରେ ଦୁଷ୍କର୍ମ ବଢ଼ି ଚାଲିଛି। ମହିଳା ଚାଲାଣ ଶିଶୁ ଚାଲାଣ ଯେମତି ରାଜ୍ୟରେ ଏକ ନିତିଦିନିଆ କଥା। ହିଂସା, ଡକାୟତି, ମର୍ଡର ଏକ ସାମାନ୍ୟ ଘଟଣା ହୋଇସାରିଲାଣି। ରାଜ୍ୟର ଲକ୍ଷ ଲକ୍ଷ ଶିକ୍ଷିତ ଯୁବକ ଆଜି ନିଜ ପ୍ରତି ଆଶା ବିଶ୍ୱାସ ହରାଇ ସାରିଛନ୍ତି। ଆମେ କେବଳ ସ୍ମାର୍ଟ ସିଟିର ଡିଣ୍ଡିମ ପିଟିଲେ ହେବ ନାହିଁ କିନ୍ତୁ ଯେପର୍ଯ୍ୟନ୍ତ ଏ ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ କର୍ମନିଯୁକ୍ତି ପାଇନାହାନ୍ତି, ଉଚ୍ଚଶିକ୍ଷିତ ହୋଇନାହାନ୍ତି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଅତି ଉଗ୍ରରୂପ ଧାରଣ କରିଛି ସେତେବେଳେ ଆମେ କେଉଁ ସହର ଓ କାହାକୁ ସ୍ମାର୍ଟ କଲୁ। ଦରଦାମ ଆଜି ଆକାଶଛୁଆଁ। ସାଧାରଣ ପରିବାର ପାଖରେ ଭାତ ଥାଳିରେ ଡାଲି ଟିକିଏ ପରଶିବା କଷ୍ଟକର ବ୍ୟାପାର। ରାଜ୍ୟରେ ସମସ୍ତ ଶୀତଳ ଭଣ୍ଡାର ବନ୍ଦ, କୃଷିଭିତିକ ଶିଳ୍ପ ବନ୍ଦ ଏବଂ କୃଷକ ପରିବାର ଆଜି କେନ୍ଦ୍ର ସରକାରର କଳା ଆଇନ ଓ ରାଜ୍ୟ ସରକାରଙ୍କ ଅପାରଗତାରେ ସବସ୍ୱ ହରାଇ ସାରିଲାଣି। ଓଡ଼ିଶାର ପ୍ରଗତି ଏକଟଙ୍କିଆ ଚାଉଳ, ଛତା, ଯୋତା ଓ ଲ୍ୟାପଟପ୍ ଦ୍ୱାରା ସମ୍ଭବ କି? ଆଜି ଅପପୁଷ୍ଟି କ୍ଷେତ୍ରରେ ଓଡ଼ିଶା ଦେଶରେ ବହୁ ଆଗରେ। ୨୧ ବର୍ଷ ଭିତରେ ବିଜୁ ଜନତା ଦଳର ସରକାର କେତେ ନଗଡ଼ା ସୃଷ୍ଟି କରିଛନ୍ତି ତାହା କାହାକୁ ଆଉ ଅଛପା ନୁହେଁ। ୭୦ ବର୍ଷରେ କଂଗ୍ରେସ ଯାହା ସୃଷ୍ଟି କରିଥିଲା ୭ ବର୍ଷରେ ଆଜି ନରେନ୍ଦ୍ର ମୋଦି ସରକାର ସବୁକିଛି ଧ୍ୱଂସ କରିସାରିଲାଣି। ପ୍ରତିବର୍ଷ ୨ କୋଟି ଚାକିରୀ ଦେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୭ ବର୍ଷ ଭିତରେ ୧୭ କୋଟି ଲୋକ ଆଜି ନିଯୁକ୍ତି ହରାଇ ସାରିଛନ୍ତି। ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସର ମୂଲ୍ୟ କେଉଁଠି ପଂହଚିଛି ତାହା କହିବା ଦରକାର ନାହିଁ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଆଜି ଭାରତବର୍ଷର ଗରିବ, କୃଷକ, ନିମ୍ନମଧ୍ୟବିତ ଓ ମଧ୍ୟବିତ ପାଇଁ ଅତ୍ୟନ୍ତ ଅସହ୍ୟ ହୋଇପଡ଼ିଛି। ଡ. ଏ ଚେଲା କୁମାର ତାଙ୍କ ଅଭିଭାଷଣରେ କହିଥିଲେ ଆଜି ଓଡ଼ିଶାରେ ଯାହାକିଛି ହେଇଛି ସେ ପାରାଦ୍ୱୀପ ପୋର୍ଟ, ନାଲକୋ, ରାଉରକେଲା ଷ୍ଟିଲପ୍ଲାଂଟ, କୋରାପୁଟର ହାଲ, ଏନଟିପିସି ଇତ୍ୟାଦି କଂଗ୍ରେସ ସମୟରେ ହୋଇଥିଲା। ହଜାର ଦିନର ହଜାର ଶିଳ୍ପର ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଯେଉଁ ଆହ୍ୱାନ ଦେଇଥିଲେ ତାହାକୁ ମଧ୍ୟ ସେ କାର୍ଯ୍ୟକାରୀ କରାଇଥିଲେ। ଆଜି ଓଡ଼ିଶାରେ ଯେଉଁ କିଛି କୃଷିଭତିକ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ଏବଂ ପ୍ରତେକ ଜିଲ୍ଲାରେ ଶିଳ୍ପାଚଂଳ ସୃଷ୍ଟି କରି ଶିଳ୍ପ ଅନୁନ୍ନତ ଜିଲ୍ଲାରେ ଶିଳ୍ପ ଗଢ଼ାଯାଇଥିଲା। କିନ୍ତୁ ୨୧ବର୍ଷ ଭିତରେ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ବୁଲି ପୁଂଜି ବିନିଯୋଗର କଥା କହୁଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଏ ରାଜ୍ୟର ଗୋଟିଏ ମଧ୍ୟ ଶୀତଳ ଭଣ୍ଡାର କରିପାରିନାହାନ୍ତି। କଂଗ୍ରେସ ସମୟରେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ। ୨୧ ବର୍ଷ ଭିତରେ ଗୋଟିଏ ବି ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିପାରିନାହାନ୍ତି। ଠିକ୍ ସେହିଭଳି ଭାବରେ କେନ୍ଦ୍ରରେ ଏକ ସରକାର କେବଳ ମିଛ, ଘୃଣା, ଓ ହିଂସା ସୃଷ୍ଟି କରୁଛନ୍ତି। କୃଷକ ହେଉଛନ୍ତି ଭାରତବର୍ଷର ମେରୁଦଣ୍ଡ। ଭାରତବର୍ଷକୁ ବିଶ୍ୱ ଦରବାରରେ ଏକ ନମ୍ବର କରିବାକୁ ହେଲେ ଭାରତବର୍ଷର କୃଷକକୁ ନ୍ୟାୟ ମିଳିବା ଦରକାର। ବିଧାୟକ ଶ୍ରୀ ବାହିନିପତି କହିଲେ ଆମେ କାଗଜରେ ବାଘ ନୁହେଁ ଆମେ କାର୍ଯ୍ୟକ୍ଷେତ୍ରରେ ବାଘ। ଆମେ ଲୋକଙ୍କ ସହିତ ରହିଛୁ ଓ ଲୋକଙ୍କ ପାଇଁ ଲଢ଼ିବୁ ଏଇଟା ହିଁ କଂଗ୍ରେସର ଆଦର୍ଶ। ଶ୍ରୀ ଜୟଦେବ ଜେନା ନିଜର କୋହକୁ ସମ୍ବରଣ କରି କହିଲେ କଂଗ୍ରେସ ହେଉଛି ମୋର ମା' ଆଜି ମୋ ପାଇଁ ସୁଖର କଥା ହେଉଛି କଂଗ୍ରେସ ପାର୍ଟି ପାଇଁ ନୂତନ ସଭ୍ୟ ସଂଗ୍ରହ କାର୍ଯ୍ୟରେ ନିଜକୁ ନିୟୋଜିତ କରିବି ଓ କଂଗ୍ରେସକୁ ଶକ୍ତିଶାଳୀ କରିବି ଏବଂ ରାଜ୍ୟରେ କଂଗ୍ରେସକୁ ଫେରାଇବି, ଏହାହିଁ ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଶ୍ରୀ ଶରତ ପଟ୍ଟନାୟକ କହିଥିଲେ ସଭ୍ୟ ସଂଗ୍ରହକୁ ଅତ୍ୟନ୍ତ ନିଷ୍ଠାର ସହ କରାଯିବା ସହ ଆସନ୍ତା ଦିନରେ ଅଧିକରୁ ଅଧିକ ଯୁବପିଢ଼ୀଙ୍କୁ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ କରାଇବା ମୋର ମୁଖ୍ୟକାମ। ଏହି ଅବସରରେ ରିପୁବ୍ଲିକ ପାର୍ଟି ଅଫ ଇଣ୍ଡିଆର ସଭାପତି ସେକ ଅବଦୁଲ ଅଲ୍ଲୀ ତାଙ୍କର ୧୦ ଜଣ ସାଥୀ କଂଗ୍ରେସରେ ଯୋଗଦେଲେ। ଏହି ଅବସରରେ ଶ୍ରୀମତୀ ମମତା ମହାପାତ୍ର ସଂରପଂଚ ନୂଆଗାଁ ବାଙ୍କି ନିର୍ବାଚନ ମଣ୍ଡଳୀର, ଭିନ୍ନକ୍ଷମ ଶ୍ରୀ ଜିତେନ୍ଦ୍ର ବିଶ୍ୱାଳ, ବାସୁଦେବ ସାହୁ, ଅନୁସୂଚିତ ଜାତିର ସଂକର ନାୟକ, ନକୁଳ ଚରଣ ମଲ୍ଲିକ, ଅନୁସୂଚିତ ଜନଜାତିରୁ ଜନରଂଜନ ମାରାଣ୍ଡି, ଶ୍ୟାମଘନ ପ୍ରଧାନ, ସଂଖ୍ୟାଲଘୁ ସଂପ୍ରଦାୟର ଏସ୍‌କେ ତାକ୍ୟୁଇନ ଅହମ୍ମଦ ଇତ୍ୟାଦିଙ୍କୁ କଂଗ୍ରେସ ଦଳର ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ରାଜନ ଏକା ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସ ଧନ୍ୟବାଦ ଦେବା ସହ ଆସନ୍ତା ଦିନରେ କଂଗ୍ରେସକୁ ଶକ୍ତିଶାଳୀ କରିବାପାଇଁ କହିଥିଲେ। ଏହି ସଭ୍ୟ ସଂଗ୍ରହ ଅଭିଯାନ ସଭାରେ ସମସ୍ତ ଜିଲ୍ଲା ସଭାପତି ତଥା ଜିଲ୍ଲା ମହିଳା ସଭାନେତ୍ରୀ ତଥା ଅନ୍ୟ ନେତୃବର୍ଗ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଶିବାନନ୍ଦ ରାୟ, ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା, ମାନସ ଚୌଧୁରୀ, ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଯାସିର ନୱାଜ, ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ଅଭିଶେକ ମହାନନ୍ଦ, ମନୋରଂଜନ ଦାଶ, ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ସଂଜୀବ ଗିରି, ଜାନକୀବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି ଓ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

ଚୋରାମଦ ଜବତ, ୩ ବେପାରୀ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୪୧ଲିଟର ଦେଶୀ ରନ୍ଧାମଦ ଜବତ କରାଯିବା ସହିତ ୩ଜଣ ବେପାରୀଙ୍କୁ ଗିରଫ କରାଯାଇଛି । ଗିରଫ ମଦ ବେପାରୀ କଣ୍ଟିଗଡିଆ ଗ୍ରାମର ଅକ୍ଷୟ ଦଳେଇ, ସ୍ୱାଧୀନ ଦଳେଇ ଓ କଳାଶ୍ରୀ ଗାଁର ଅମୂଲ୍ୟ ଦଳେଇକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ୍ ନାମଂଜୁର ହେବାରୁ ଅଭିଯୁକ୍ତମାନଙ୍କୁ ରଗଡି ଜେଲ୍‌କୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ଧର୍ମଶାଳା ଅବକାରୀ ଥାନା ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବା ଅଭିଯୋଗ ହୋଇ ଆସୁଛି । ଏ ସଂପର୍କରେ ଅଭିଯୋଗ ପାଇ ଧର୍ମଶାଳା ଅବକାରୀ ଏସ୍‌ଆଇ ଭବାନୀ ଶଙ୍କର ସେଠୀ, ଏସ୍‌ଆଇ ବିଶ୍ୱନାଥ ଜେନା, ଚକ୍ରଧର ଦାସ, କନଷ୍ଟେବଳ ଶିଶିର ପ୍ରଧାନ, ସୁଚିତ୍ରା ନାୟକ ଓ ମାଳତୀ ମାଝି କଣ୍ଟିଗଡିଆ ଓ କଳାଶ୍ରୀ ଗାଁରେ ସଦଳବଳ ଚଢଉ କରିଥିଲେ । ଅକ୍ଷୟ ଘରୁ ୨୦ଲିଟର ରନ୍ଧା ମହୁଲି ମଦ, ସ୍ୱାଧୀନ ନିକଟରୁ ୧୫ ଲିଟର ଓ ଅମୂଲ୍ୟ ପାଖରୁ ୬ ଲିଟର ଦେଶୀ ମଦ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଦୋକାନ ବନ୍ଦ କରିବାକୁ ନେଇ ବଚସା ଘଟଣାରେ ୨ ଥାନାରେ ଅଟକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଜଡିତ ମନ୍ତ୍ରୀଙ୍କୁ ବହିଷ୍କାର ଓ ଗିରଫ ଦାବିରେ କେନ୍ଦ୍ରାପଡାରେ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନ ଅବସରରେ ବିଜେପି ପକ୍ଷରୁ ବାହାରିଥିବା ଏକ ଶୋଭାଯାତ୍ରା କେନ୍ଦ୍ରାପଡା ସହର ପରିକ୍ରମା କରୁଥିବା ବେଳେ ପୁରୁଣା ଜେଲ ରୋଡ ନିକଟରେ ଜନୈକ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିଙ୍କୁ ଦୋକାନ ବନ୍ଦ କରିବାକୁ କହିବାରେ ଶୋଭାଯାତ୍ରାକାରୀ ୨ଜଣ ଯୁବକ ଓ ଦୋକାନିଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ ନେଇ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ସେହି ୨ଜଣ ଯୁବକଙ୍କୁ ନେଇ ଥାନାରେ ଅଟକ ରଖିଥିବା ଟାଉନ ଥାନା ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କଠାରୁ ସୂଚନା ମିଳିଛି।

କେନ୍ଦ୍ରାପଡା ସ୍ୱୟଂଶାସିତ ମହା ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣାଙ୍କ ପୌରହିତ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀମାନେ ଦୁର୍ନୀତି ନିବାରଣ ପାଇଁ ଶପଥପାଠ କରିଥିଲେ । ମେଜର ମନୋରଞ୍ଜନ ମହାନ୍ତି ସମସ୍ତଙ୍କୁ ଶପଥପାଠ କରାଇଥିଲେ । ଅଧ୍ୟାପକ ଜ୍ଞାନୀନ୍ଦ୍ର କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ରଞ୍ଜିତ କୁମାର ଦାସ ଧନ୍ୟନାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅତିରିକ୍ତ ଜିଲାପାଳ ଶ୍ରୀ ମହାରଣାଙ୍କର ଏହା ମହା-ବିଦ୍ୟାଳୟକୁ ପ୍ରଥମ ଗସ୍ତ ହୋଇଥିବାରୁ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକାଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ପଂଚାୟତ ଓ ପୌରନିର୍ବାଚନରେ କଂଗ୍ରେସକୁ ବିଜୟୀ କରିବାକୁ ଆହ୍ୱାନ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ କଂଗ୍ରେସ ନେତା, ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସାହିତ୍ୟକ, ସାମ୍ବାଦିକ ଓ ଶହିଦ ଜବାନମାନଙ୍କ ପ୍ରତି ଶ୍ରଦ୍ଧାଳି ଜଣାଇ ଏକ ଶୋକପ୍ରସ୍ତାବ ଗୃହୀତ ହୋଇଥିଲା ଓ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକାରିଣୀରେ ରାଜନୀତିକ ପ୍ରସ୍ତାବ, ନାରୀ ନିର୍ଯ୍ୟାତନା ଓ ଆଇନ ଶୃଙ୍ଖଳା ଦୁଃସ୍ଥିତି ପ୍ରସ୍ତାବ ଓ ଅର୍ଥନୀତିକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଶୋକ ପ୍ରସ୍ତାବ ପିସିସି ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ଆଗତ କରିଥିବା ବେଳେ ଅଶୋକ ଦାସ ଏହାକୁ ସମର୍ଥନ କରିଥିଲେ। ସେହିଭଳି ପୂର୍ବତନମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ରାଜନୀତିକ ପ୍ରସ୍ତାବ ଆଗତ କରିଥିଲେ ଓ ପିସିସି ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସ ଏହାକୁ ସମର୍ଥନ କରିଥିଲେ। ଶ୍ରୀମତୀ ସସ୍ମିତା ବେହେରା ନାରୀ ନିର୍ଯ୍ୟାତନା ପ୍ରସ୍ତାବ ଆଗତ କରିଥିବା ସ୍ଥଳେ ଶ୍ରୀମତୀ ମମତା କୁଣ୍ଡୁ ଏହାକୁ ସମର୍ଥନ କରିଥିଲେ। ବୈଠକରେ ବିହୀତ ଅର୍ଥନୀତିକ ପ୍ରସ୍ତାବକୁ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ଆଗତ କରିଥିଲେ ଓ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଏହାକୁ ସମର୍ଥନ କରିଥିଲେ। ନାରୀ ନିର୍ଯ୍ୟାତନା ପ୍ରସ୍ତାବରେ ଅଭିଯୁକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ ତାଙ୍କ ବିରୋଧରେ ମୋକଦ୍ଦମା ରୁଜୁ ଓ ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା ତଦନ୍ତ କରିବାକୁ ଦାବି କରାଯାଇଥିଲା। ଅନ୍ୟଥା ମୁଖ୍ୟମନ୍ତ୍ରୀଙ୍କର ଇସ୍ତଫା ଦାବିରେ ଆସନ୍ତା ନଭେମ୍ବର ୧୨ ତାରିଖରେ 'ଓଡ଼ିଶା ବନ୍ଦ'ର ନିଷ୍ପତି କରାଯାଇଥିଲା।

ସ୍ୱାଗତ ଭାଷଣ ଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ କଂଗ୍ରେସକୁ କ୍ଷମତାସୀନ କରିବା ଆମର ଏକମାତ୍ର ଲକ୍ଷ୍ୟ। ଏଥିପାଇଁ ସେ ସମସ୍ତ ନେତା ଓ କର୍ମୀଙ୍କର ସହଯୋଗ କାମନା କରିଥିଲେ ଓ ନିଜେ ମଧ୍ୟ ଏହି ଦାୟିତ୍ୱ ନିର୍ବାହରେ ସମସ୍ତ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଭାଗନେଇ ନିଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ସାଂସଦ ଡ. ଏ ଚେଲା କୁମାର କହିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ବୃଦ୍ଧି ପାଉଛି ଓ କଂଗ୍ରେସ ତାର ସୁଯୋଗ ନେବାର ସମୟ ପହଂଚିଛି। କଂଗ୍ରେସ ସଂଗଠନର ଜନାଭିମ



ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୧

ସେବା ଓ ସାହାଯ୍ୟର ପର୍ବ – ଇଦୁଲ୍ ଫିତର

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ସାମ୍ପ୍ରଦାୟୀକ ସ୍ନେହ,ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି । ପ୍ରତ୍ୟେକ ଧର୍ମ,ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ । ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଓ ସଂଦେଶ ଦିଆ ଯାଇଥାଏ । ଇଦୁଲ ଫିତର ପର୍ବ ମଧ୍ୟ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ । ଏହା ସମାଜରେ ସ୍ନେହ,ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ । ଚତୁର୍ଦ୍ଦିଗରେ ଶୁଖ,ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ । ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ। ସେବା ଓ ସାହାଯ୍ୟର ପର୍ବ ହୋଇଥାଏ। ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ। ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ। ପରକୁ ନିଜର କରିନେବାର ପର୍ବ ହୋଇଥାଏ। ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ। ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ। ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ। ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ। ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ। ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ । ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ । ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକରେ ସାଜ ସଜା ହୋଇ ତଥା ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାଃଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢିବାକୁ ଯାଇଥାନ୍ତି । ଧର୍ମଗୁରୁ ବିଷେଶ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି,ଭାଇଚାରା,ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା,ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି । ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ । ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ । ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି ।

ଅଲ୍ଲାଃ ପବିତ୍ର କୋରାନରେ ବର୍ଣ୍ଣନା କରିଛନ୍ତି ; ହେ ମାନବ ଜାତି ! ଆମ୍ଭେ ତୁମକୁ ପୁରୁଷ ଓ ସ୍ତ୍ରୀ ମଧ୍ୟରୁ ସୃଷ୍ଟି କରିଛୁ ଏବଂ ନିଜ ନିଜ ମଧ୍ୟରେ ପରିଚିତ ହେବା ପାଇଁ ଅନେକ ଗୋଷ୍ଠୀ ଓ ବଂଶରେ ବିଭକ୍ତ କରିଛୁ । ତୁମମାନଙ୍କ ମଧ୍ୟରେ ଯିଏ ଧର୍ମପରାୟଣ ହୋଇଥାଏ, ସେ ହିଁ ତୁମ ମଧ୍ୟରେ ସର୍ବକୃଷ୍ଟ ହୋଇଥାଏ ।

ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି । ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ । ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ । ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ୍ୟ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତ୍ରୁତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ । ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ । ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ। ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ୍ୟ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ । ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼େ।ଶୀଙ୍କୁ ସାହାଯ୍ୟ,ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ । ଯଦି କେହି ତୁମ ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯିଏ କି ଯେଉଁ ଡ଼ାଳରେ ବସିଥାଏ, ସେହି ଡ଼ାଳକୁ ହିଁ ହାଣିବାରେ ଲାଗିଥାଏ ।

ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ । ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ। ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ । ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ,ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ । ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ପ୍ରେମ କରେ ନାହିଁ । ରମଜାନ ଆମକୁ ସ୍ନେହ, ସୌହାର୍ଦ୍ଦ୍ୟ, ସମ୍ମାନ,ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ । ଆସନ୍ତୁ ଆମେ ଏହି ପଙ୍‌କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖିବା । ‘‘ ହିନ୍ଦ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହୈଁ ଭାଇ ଭାଇ /ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !’’ ଖୁଦା ହାଫିଜ୍ । ସବ୍‌କୋ ଇଦ୍ ମୁବାରକ୍ ।

ମୌଲାନା ଫଜଲ ହକ ଖାନ୍
ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

ଟାଇଟାନିକ୍ ,କ୍ଲାର୍କ ଦମ୍ପତି ଓ ଈଶ୍ୱର

ଅପ୍ରିଲ୍ ୧୦ ତାରିଖ,୧୯୧୨ । ଗ୍ରେଟ୍ ବ୍ରିଟେନର ସାଉଥମଣ୍ଟନ୍ ରୁ ଆରମ୍ଭ କରିଛି ପ୍ରଥମ ଐତିହାସିକ ଜଳଯାତ୍ରା ଟାଇଟାନିକ୍ ଜଳ ଯାହାଜ ୨୨୦୦ ରୁ ଅଧିକ ଯାତ୍ରୀ ଓ କ୍ରିୟୁ ମେମ୍ବର ମାନଙ୍କୁ ଧରି । ଲକ୍ଷ୍ୟସ୍ଥଳ ଆମେରିକାର ନ୍ୟୁୟର୍କ । ୮୮୩ ଫୁଟ୍ ଲମ୍ବା, ପାଖାପାଖି ଶହେ ଫୁଟ୍ ଓସାର ଓ ୧୭୫ ଫୁଟ୍ ଉଚ୍‌ଚ୍ । ଓଜନ ଥିଲା ୪୬,୦୦୦,୦୦୦ କେଜି । ଦୁନିଆର ସର୍ବ ବୃହତ୍ ଜଳ ଯାହାଜ । କୁହାଯାଉଥିଲା ଏ ଯାହାଜଟି ଏମିତି ଭାବରେ ତିଆରି ହୋଇଛି, କେବେବି ବୁଡ଼ି ବନି ,ଅନସିଙ୍କ ?ବୁଲ୍ । ସମୁଦ୍ରର ସମସ୍ତ ଘାତ ପ୍ରତିଘାତକୁ ସହଜରେ ସାମ୍ନା କରି ପାରିବ । ମଣିଷ ଯାହା ଭାବେ, ଯାହା ସ୍ୱପ୍ନ ଦେଖେ, ସବୁ କ’ଣ ସତ ହୁଏ କି ? ଯଦି ହେଉଥାନ୍ତା, ତାହେଲେ ବିଶ୍ୱରେ ଈଶ୍ୱରୀୟ ଶକ୍ତି ଓ ସତ୍ତାକୁ ମଣିଷ ଆଉ ମାନନ୍ତା କାହିଁକି । ଅପ୍ରିଲ୍ ୧୦ ରେ ବିଶ୍ୱରେ ଖୁସିର ଲହରୀ ବିଶ୍ୱର ବୃହତମ ବିଳାସପୂର୍ଣ୍ଣ ଯାହାଜର ପ୍ରଥମ ଜଳଯାତ୍ରା ଆରମ୍ଭ । ଯାହାଜରେ ଅନେକ ନାମୀଦାମୀ ସମ୍ଭ୍ରାନ୍ତ ଧନୀକ ଶ୍ରେଣୀର ବ୍ୟକ୍ତି ବିଶେଷ । ମାତ୍ର ପାଂଚ୍‌ଟା ଦିନ କଟିଛି ସମୁଦ୍ରରେ ଯାହାଜର । ଅପ୍ରିଲ୍ ୧୫ ତାରିଖ,୧୯୧୨ ,ବିଶ୍ୱରେ ଖେଳିଗଲା ଆତଙ୍କ,ଭୟ ଓ ମୃତ୍ୟୁର କଳାଛାଇ । ବରଫ ପାହାଡ଼ରେ ଧକ୍କା ଖାଇ ଉତ୍ତର ଆଣ୍ଟାଲାଣ୍ଟିକ ସାଗରରେ ଖଣ୍ଡ ଖଣ୍ଡ ହୋଇ ବୁଡିଗଲା ଯାହାଜ । ଜଳ ସମାଧି ନେଲେ ୧୫୦୦ ରୁ ଅଧିକ ଲୋକ । କି ବିକଳ ବିଭସ୍ କରୁଣ ଦୃଶ୍ୟ ସତରେ !!! ଭାବିଲା ବେଳକୁ ହୃତସ୍ପନ୍ଦନ ବଢ଼ି ଯାଉଛି । କେବେବି କ୍ଷତିଗ୍ରସ୍ତ ହେବନି ବୋଲି କୁହାଯାଉଥିବା ଯାହାଜର ହେଲା ଜଳ ସମାଧି । ଅଧିକାଂଶ ଯାତ୍ରୀଙ୍କର ଆମେରିକାକୁ ଜଳଯାତ୍ରାରେ ପଡ଼ିଲା ପୂର୍ଣ୍ଣଛେଦ । ‘ ଭବିତବ୍ୟ ଯାହା ଅବଶ୍ୟ ଘଟିବ,କିଏ ତାହା କରିବ ଆନ‘ ନ୍ୟାୟକୁ କିଏବା ଖଣ୍ଡନ କରି ପାରିବ । କାହାର ବା ଶକ୍ତି ସାମର୍ଥ୍ୟ ଅଛି ମାୟାଧରଙ୍କର ମାୟାକୁ ସହଜରେ ବୁଝି ପାରିବ । ଈଶ୍ୱରଙ୍କ ଆଶିଷ ପାଇଁ ଅନେକ ବର୍ଷର ତପସ୍ୟା ସାଧନା ଭଜନ କୀର୍ତ୍ତନ କରି ବି କେତେଜଣ ପାଆନ୍ତି ସର୍ବଦ୍ରଷ୍ଟା ସର୍ବଶକ୍ତିମାନଙ୍କ ଆଶିଷର ବର୍ଷା ? ନିଷ୍କାମ କର୍ମ, ହୃଦୟର ସରଳତା , ମନରେ ଭକ୍ତି ଓ ହୃଦୟରେ ଅଟଳ ବିଶ୍ୱାସ ଥିଲେ ସମସ୍ତ ବିପଦରୁ ରକ୍ଷା କରନ୍ତି ଈଶ୍ୱର । ହାତୀକୁ ରକ୍ଷା କରିଥିଲେ କୁମ୍ଭୀର ଆକ୍ରମଣରୁ, ନିରୀହ ହରିଣୀକୁ ବଂଚେଇ ଥିଲେ ନିଶ୍ଚିତ ମୃତ୍ୟୁରୁ, ଧ୍ରୁବ, ପ୍ରହ୍ଲାଦଙ୍କୁ ରକ୍ଷା କରିଥିଲେ ସମସ୍ତ ବିପଦରୁ । ଏମିତି ଅସଂଖ୍ୟ କାହାଣୀ ଈଶ୍ୱରଙ୍କ କରୁଣାର ଆମର ଧର୍ମଗ୍ରନ୍ଥରେ । ଠାକୁରଙ୍କ ଆଶିର୍ବାଦ ପାଇଁ ଖାଲି ମନ୍ଦିର ଯାଇ ପୂଜାର୍ଚ୍ଚନା କଲେ, ହୁଣ୍ଡିରେ ଦାନ କଲେ କିଛି ଲାଭ ନାହିଁ ଯଦି ହୃଦୟରେ ସରଳତା ନାହିଁ , ମନରେ ବିଶ୍ୱାସ ଓ ସ୍ୱଚ୍‌ଛତା ନାହିଁ । କଥାରେ ଅଛି ପରା,‘ ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର‘ । ତର୍କର ସାହାରା ନେଇ ଈଶ୍ୱରଙ୍କ ଆଶିଷ ପାଇବା ଅସମ୍ଭବ । ଚ୍‌ହଲା ପାଣି ପରି ମନ ସବୁବେଳେ ଚ୍‌ହଲୁ ଥାଏ । ଆମେ ଜାଣି ପାରୁନା କେଉଁଟା ଠିକ୍ କେଉଁଟା ଭୁଲ୍ । କିନ୍ତୁ ଉପରବାଲା ସବୁ ଜାଣନ୍ତି,ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ । ଟାଇଟାନିକ୍ ଯାହାଜ ଓ ସ୍କଟଲାଣ୍ଡର ଏକ କୃଷକ ପରିବାର , କ୍ଲାର୍କ ପରିବାର ଭିତରେ ଘଟିଥିବା ସତ୍ୟ ଘଟଣାକୁ ଦେଖନ୍ତୁ । କ୍ଲାର୍କ ପରିବାରର ସ୍ୱପ୍ନ ଥିଲା ଟାଇଟାନିକ୍ ଯାହାଜର ପ୍ରଥମ ଜଳଯାତ୍ରାରେ ଆମେରିକା ଯିବାର । ସେଥିପାଇଁ ଉଭୟ କ୍ଲାର୍କ ଦମ୍ପତି ପରିଶ୍ରମ କରି ଲାଗି ପଡ଼ିଥିଲେ ଅର୍ଥ ସଂଚ୍‌ୟ କରିବାରେ । ଅର୍ଥ ଯୋଗାଡ଼ ହେଲାପରେ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରି ଯାହାଜରେ ଜଳଯାତ୍ରା ନିମନ୍ତେ ଟିକେଟ ବି କିଣି ସାରିଥିଲେ ପୁରା ପରିବାର ପାଇଁ । ଦେଖନ୍ତୁ ସମୟର ବିଚିତ୍ର ଖେଳକୁ । ଈଶ୍ୱରଙ୍କ ଅଦୃଶ୍ୟ ଆଶିଷକୁ । ଯାତ୍ରାର ଠିକ୍ ସାତଦିନ ପୂର୍ବରୁ କ୍ଲାର୍କ ଦମ୍ପତିଙ୍କ ସାନ ପୁଅକୁ କୁକୁର କାମୁଡ଼ି ଲହୁ ଲୁହାଣ କରିଦେଲା । ପୁଅର ଉପଯୁକ୍ତ ଚିକିତ୍ସା ହେଲା । କିନ୍ତୁ କାଳେ ରାବିଜ୍ ରୋଗ ହେବ, ଚ୍‌ଉଦ ଦିନ ପାଇଁ କ୍ୱାରେଣ୍ଟାଇନରେ ରହିବା ନିମନ୍ତେ ଡାକ୍ତର ପରାମର୍ଶ ଦେଲେ । ସବୁ ବାପାମାଆଙ୍କ ପାଇଁ ସନ୍ତାନର ଖୁସି ଆଗ । ଗେହ୍ଲା ସାନ ପୁଅକୁ ଛାଡ଼ି ବାପାମାଆ କେମିତି ଯିବେ ଆମେରିକା ଟାଇଟାନିକ୍ ଯାହାଜରେ । ଏପଟେ ଜୀବନର ଅର୍ଜିତ ସମସ୍ତ ଅର୍ଥ ଖଟେଇ କିଣି ସାରିଥିଲେ ଟିକେଟ ଯାହା ଫେରସ୍ତ ପାଇବାର ବ୍ୟବସ୍ଥା ନଥିଲା । ଦୁଃଖ, ଅସହାୟତା , କ୍ରୋଧ ଘାରି ଯାଉଥିଲା ମିଷ୍ଟର କ୍ଲାର୍କ ଙ୍କୁ । ହତୋତ୍ସାହିତ ହୋଇ ପୁଅକୁ କାମୁଡି ଥିବା କୁକୁର ସହିତ ପୁଅ ,ଈଶ୍ୱର ଓ ଭାଗ୍ୟକୁ ନିନ୍ଦା କରୁଥିଲେ । ସମୟ ଯେତେ ପାଖେଇ ଆସୁଥିଲା, କ୍ଲାର୍କ ମହାଶୟ ସେତେ ବିଚ୍‌ଳିତ ହୋଇ ପଡୁଥିଲେ । କିନ୍ତୁ କିଛି ରାସ୍ତା ନଥିଲା । ନିର୍ଦ୍ଧାରିତ ସମୟରେ ଜଳଯାତ୍ରା ଆରମ୍ଭ କଲା ଟାଇଟାନିକ୍ । ଭଗ୍ନ ହୃଦୟରେ ଚ୍‌ହିଁ ରହିଥିଲେ

ଭାସ୍କର ବାରିକ୍

ମିଷ୍ଟର କ୍ଲାର୍କ । ଲାଗୁଥିଲା ଜୀବନର ସବୁ ସ୍ୱପ୍ନ ଆଶା ବିଶ୍ୱାସ ଯେମିତି ମାଟିରେ ମିଶିଗଲା । ଦିନରାତି ଏକ କରି ଯେଉଁ ଅର୍ଥ ରୋଜଗାର କରି ଟାଇଟାନିକ୍ ଯାହାଜରେ ଜଳଯାତ୍ରା ପାଇଁ ଟିକେଟ କିଣିଥିଲେ , ସବୁ ପାଣିରେ ଗଲା । ସେ କ’ଣ ଜାଣିଥିଲେ ତାଙ୍କ ଅଜାଣତରେ ସର୍ବ ଶକ୍ତିମାନ ଈଶ୍ୱର ତାଙ୍କ ପରିବାରକୁ ନିଶ୍ଚିତ ମୃତ୍ୟୁ କବଳରୁ ଦୂରେଇ ରଖୁଛନ୍ତି ବୋଲି । ସାଧାରଣ ମଣିଷ ଜଣେ କାହୁଁ ବା ବୁଝିବ ଉପରବାଲାଙ୍କ ଲୀଳା । ଅପ୍ରିଲ୍ ୧୫ ତାରିଖରେ ଯାହାଜ ଦୂର୍ଘଟଣାରେ ଡୁବିଯିବା ଓ ୧୫୦୦ ରୁ ଉର୍ଦ୍ଧ ଯାତ୍ରୀଙ୍କର ସଲିଳ ସମାଧି ବିଷୟରେ ଜାଣିବା ପରେ , ମିଷ୍ଟର କ୍ଲାର୍କ ଯେଉଁ କୁକୁର,ପୁଅ ଓ ଈଶ୍ୱରଙ୍କୁ ଗାଳି ଦେଉଥିଲେ, ଭାଗ୍ୟକୁ ନିନ୍ଦା କରୁଥିଲେ , ସେହି ମାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ମନ ହୃଦୟ ଭରିଗଲା । ମନ ଭିତରେ ଥିବା ସମସ୍ତ ଅସହାୟତା , କ୍ରୋଧ ଓ ହତୋତ୍ସାହ ଭାବନା କୁଆଡେ ଉଭେଇ ଗଲା । ଆଖିରୁ ଝରିଗଲା ଧାର ଧାର ଲୁହ । ହୃଦୟରୁ ଉଠୁଥିଲା କୋହ ଉପରେ କୋହ ଈଶ୍ୱରଙ୍କ ପ୍ରତି କୃତଜ୍ଞତାର । ହାତଯୋଡି ପ୍ରାର୍ଥନା କଲେ ବ୍ରହ୍ମାଣ୍ଡ କର୍ତ୍ତାଙ୍କୁ । ଟାଇଟାନିକ୍ ଯାହାଜରେ ଜଳଯାତ୍ରା କରି ନପାରିବା ପଛରେ ଈଶ୍ୱରଙ୍କ ନିର୍ଦ୍ଦେଶନା କାମ କରୁଥିଲା, ତାହା ସେ ବୁଝି ପାରିଲେ । ଯଦି ଯାଇଥାନ୍ତେ ଯାହାଜରେ, ହୁଏତ ଅନ୍ୟମାନଙ୍କ ପରି ସଲିଳ ସମାଧି ନେଇଥାନ୍ତେ ପୁରା ପରିବାର । କଥାରେ ଅଛି ପରା,‘ ଯାହାକୁ ରଖିବେ ଅନନ୍ତ,କି କରି ପାରେ ବଳବନ୍ତ‘ । ପୁଅକୁ କୁକୁର କାମୁଡ଼ିବା, କ୍ୱାରେଣ୍ଟାଇନରେ ରହିବା ପାଇଁ ଡାକ୍ତରଙ୍କ ପରାମର୍ଶ, ସବୁ ଇଚ୍‌ଛାମୟଙ୍କର ଇଚ୍‌ଛା ଥିଲା କ୍ଲାର୍କ ପରିବାରର ମଙ୍ଗଳ ପାଇଁ । ଆମେ ଅଧିକାଂଶ ସମୟରେ ନିଜର ଦୁଃଖ, ଅସଫଳତା , ବେଦନା ପାଇଁ ଈଶ୍ୱରଙ୍କୁ ନିନ୍ଦା କରୁ । ବୁଝି ପାରୁନା ଉପରବାଲାଙ୍କ ନ୍ୟାୟାଳୟର ନିଷ୍ପତ୍ତି ଓ ଇଚ୍‌ଛା । ଭାରତର ଲୋକପ୍ରିୟ ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଡକ୍ଟର କାଲାମ ତାଙ୍କ ଆତ୍ମଜୀବନୀ , ‘ ଦ ଉଇଙ୍ଗସ୍ ଅଫ ଫାୟାର‘ ରେ ଲେଖିଛନ୍ତି ସେ ଭାରତୀୟ ବାୟୁସେନାର ଜଣେ ପାଇଲଟ୍ ହେବାକୁ ଚ୍‌ାହୁଁଥିଲେ । ସେ ସେଥିପାଇଁ ପରୀକ୍ଷା ଦେଇଥିଲେ ଡେରାଡୁନରେ । ୨୫ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ମାତ୍ର ଆଠଜଣ ସିଲେକ୍ଟ ହୋଇଥିଲେ । କାଲାମ୍ ମହାଶୟ ଥିଲେ ନବମ ସ୍ଥାନରେ । ଉପରୁ ଆଠଜଣ ପାଇଲେ ଚ୍‌ାକିରୀ । ସେ ହେଲେ ଅସଫଳ । ପକ୍ଷୀ ପରି ଆକାଶରେ ଉଡିବାର ଆଶା ଭାଙ୍ଗି ହେଇଗଲା ଖଣ୍ଡ ବିଖଣ୍ଡିତ । ଭାଙ୍ଗି ପଡିଥିଲେ ଡକ୍ଟର କାଲାମ ସାର୍ । ଏତେ ପରିମାଣରରେ ହତୋତ୍ସାହିତ ହୋଇଥିଲେ ଯେ ଜୀବନର ମାନେ କିଛି ନାହିଁ ବୋଲି ଅନୁଭବ କରି ଋଷିକେଶର ଏକ ତୀକ୍ଷ୍ଣ ପାହାଡ଼ ଉପରକୁ ଚ୍‌ଢି ତଳେ ବହି ଯାଉଥିବା ଥିବା ପାଣିକୁ ଡେଇଁ ଆତ୍ମହତ୍ୟା କରିବାକୁ ଚ୍‌ିନ୍ତା କରିଥିଲେ । କିନ୍ତୁ ଠିକ୍ ସମୟରେ ଈଶ୍ୱର ପଠେଇ ଥିଲେ ସ୍ୱାମୀ ଶିବାନନ୍ଦଙ୍କୁ ଭାରତର ଏହି ଅମୂଲ୍ୟ ରତ୍ନଙ୍କୁ ସଠିକ୍ ରାସ୍ତା ଦେଖେଇବା ପାଇଁ । କାଲାମଙ୍କ ଜୀବନର ଦୁଃଖ ଓ ଅସଫଳତା ବିଷୟରେ ଜାଣିବା ପରେ ସ୍ୱାମୀ ଶିବାନନ୍ଦ ପବିତ୍ର ଗୀତାର ଏଗାର ଅଦ୍ଧ୍ୟାୟର କିଛି ଶ୍‌ଲୋକ ତାଙ୍କୁ ଶୁଣେଇ ବୁଝେଇ ଥିଲେ । ସ୍ୱାମୀ ଶିବାନନ୍ଦ ଡକ୍ଟର କାଲାମଙ୍କୁ କହିଥିଲେ , ‘ ତୁମେ ପାଇଲଟ୍ ହେବା ପାଇଁ ଜନ୍ମ ହୋଇ ନାହଁ । ତୁମର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ । ଧୈର୍ଯ୍ୟ ଧର । ଏବେ ଅସଫଳତାକୁ ଗ୍ରହଣ କର । ଭବିଷ୍ୟତ ରାସ୍ତାରେ ତୁମ ପାଇଁ ଈଶ୍ୱର ଅନେକ କିଛି ସାଇତି ରଖିଛନ୍ତି । ଭବିଷ

ଅବକାରୀ ଅଧିକ୍ଷକଙ୍କ ଲାଞ୍ଚ ଦାବି କରୁଥିବା ଅଡିଓ ଭାଇରାଲ ଘଟଣା: ତଦନ୍ତ ପାଇଁ ଅବକାରୀ ବିଭାଗ ଡେପୁଟୀ କମିଶନର ପହଞ୍ଚିଲେ

କେନ୍ଦ୍ରାପଡ଼ା, : କେନ୍ଦ୍ରାପଡା ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ଲାଞ୍ଚ ମାଗୁଥିବା ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଦେଶୀ ଓ ବିଦେଶୀ ମଦ ଦୋକାନୀଙ୍କୁ ଲାଇସେନ୍ସ ରିନ୍ୟୁଆଲ ନିମନ୍ତେ ଲକ୍ଷାଧିକ ଟଙ୍କା ଲାଞ୍ଚ ଦାବି କରି ନମିଳିବାରୁ ଦୋକାନ ସିଲ କରିଦେବା ଘଟଣାର ତଦନ୍ତ ପାଇଁ ଅବକାରୀ ବିଭାଗ ଡେପୁଟୀ କମିଶନର ରାମଚନ୍ଦ୍ର ମିଶ୍ର ବୁଧବାର ସକାଳେ କେନ୍ଦ୍ରାପଡା ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ତନଖି ଆରମ୍ଭ କରିଥିବା ଦେଖାଯାଇଛି । ଅବକାରୀ ଅଧିକ୍ଷକ ଶ୍ରୀ ମିଶ୍ର ତାଙ୍କ ବିଭାଗର ଜନୈକ କର୍ମଚାରୀଙ୍କ ସହ ମଦ ଦୋକାନର ଲାଇସେନ୍ସ ରିନ୍ୟୁଆଲ କରିବା ପାଇଁ ସଂପୃକ୍ତ ଦୋକାନୀଙ୍କ ଠାରୁ ଲାଞ୍ଚ ମାଗିବାକୁ କହୁଥିବା ଭାଇରାଲ ଅଡିଓରେ ରହିଛି । ଏହା ବ୍ୟତିତ ଦୁଇଜଣ ଲାଇସେନ୍ସଧାରୀ ମଦ ଦୋକାନୀଙ୍କ ମଦ ଦୋକାନ ଲାଇସେନ୍ସର ରିନ୍ୟୁଆଲ କରିବା ପାଇଁ ୨ଲକ୍ଷ ଓ ୩ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିବା ନେଇ ସେମାନେ ଅବକାରୀ କମିଶନର ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସମସ୍ତ ଅଭିଯୋଗର ତଦନ୍ତ କରିବାକୁ ଅବକାରୀ ବିଭାଗର ଡେପୁଟୀ କମିଶନର ଶ୍ରୀ ମିଶ୍ର ଅବକାରୀ ବିଭାଗର କମିଶନରଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ଆସିଥିବା ଗଣମାଧ୍ୟମକୁ କହିଛନ୍ତି । କିନ୍ତୁ ତଦନ୍ତ ପାଇଁ ଆସିଥିବା ବେଳେ ଅଭିଯୋଗକାରୀ ୨ଜଣଙ୍କୁ କାହିଁକି ଡକାଯାଇ ନାହିଁ ବୋଲି ଗଣମାଧ୍ୟମର ପ୍ରତିନିଧିଙ୍କ ଉତ୍ତର ଦେବାକୁ ଯାଇ ଡେପୁଟୀ କମିଶନର ଶ୍ରୀ ମିଶ୍ର କହିଥିଲେ ଯେ ସେମାନଙ୍କୁ ଟେଲିଫୋନରେ ଖବର ଦିଆଯାଇଛି । ସେମାନେ ଆସିବେ । କିନ୍ତୁ ଅବକାରୀ କାର୍ଯ୍ୟାଳୟ ଅପରାହ୍ନ ଗୋଟାଏରେ ବନ୍ଦ ହେବା ପର୍ଯ୍ୟନ୍ତ ଅଭିଯୋଗ କାରୀ ପହଞ୍ଚିନଥିବା ଦେଖାଯାଇଥିଲା । କେନ୍ଦ୍ରାପଡା ଅବକାରୀ ଅଧିକ୍ଷକ ଶ୍ରୀ ମିଶ୍ରଙ୍କୁ ଗଣମାଧ୍ୟମର ପ୍ରତିନିଧିମାନେ ଅଭିଯୋଗ ସମ୍ପର୍କରେ ପ୍ରଶ୍ନ କରିଥିଲେ ମଧ୍ୟ ସେ ସେଠାରୁ ଲୁଚି ପଳାଇ ଯାଇଥିବା ଦେଖାଯାଇଥିଲା । ଅଧିକ୍ଷକ ଶ୍ରୀ ମିଶ୍ରଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଅନୁଯାୟୀ ବବିତା ମହାନ୍ତି ନାମଙ୍କ ଜନୈକ ବିଦେଶୀ ମଦ ଦୋକାନୀ ୨୦୨୪-୨୫ବର୍ଷ ପାଇଁ ତାଙ୍କ ଦୋକାନର ରିନ୍ୟୁଆଲ କରିବାକୁ ଅନ୍ ଲାଇନରେ ଆବଶ୍ୟକ ସରକାରୀ ଦେୟ ପ୍ରଦାନ ସହ ମାର୍ଚ୍ଚମାସ ୩୧ତାରିଖରେ ରସିଦ ଓ କାଗଜପତ୍ର ଅବକାରୀ ଅଧିକ୍ଷକ ଦେବୀପ୍ରସାଦ ମିଶ୍ରଙ୍କ ନିକଟରେ ଦାଖଲ କରିଥିଲେ । କିନ୍ତୁ ଅବକାରୀ ଅଧିକ୍ଷକ ଶ୍ରୀ ମିଶ୍ର ପେମେଞ୍ଚ ଅବକାରୀ ସାଇଡରେ ଦେଖାଯାଉନଥିବାର ଆଳ ଦେଖାଇ ମଦଦୋକାନକୁ ସିଲ କରିଦେଇଥିବା ଅଭିଯୋଗ ହୋଇଥିଲା । ବବିତା ତାଙ୍କ ଆକାଉଁଞ୍ଚ ଷ୍ଟେଟମେଞ୍ଚ ଦେଖାଇବା ପରେବି କୌଣସି ପଦକ୍ଷେପ ନିଆନଯିବାରୁ ବବିତା ପୁନର୍ବାର ଚଳିତମାସ ୩ତାରିଖରେ ସରକାରୀ ଦେୟ ଅନ୍ ଲାଇନରେ ଜମା କରି ରସିଦ ଅବକାରୀ ଅଧିକ୍ଷକଙ୍କ ନିକଟରେ ଦାଖଲ କରିଥିଲେ । କିନ୍ତୁ ତାଙ୍କ ଦୋକାନରୁ ସିଲ ଖୋଲା ଯାଇନଥିବା ସେ ଜିଲ୍ଲାପାଳ ଓ ଅବକାରୀ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାବ୍ୟତିତ ଅବକାରୀ ଅଧିକ୍ଷକ ଶ୍ରୀ ମିଶ୍ର ଦୋକାନ ପିଛା ଲାଇସେନ୍ସ ରିନ୍ୟୁଆଲ ବାବଦକୁ ଏକଲକ୍ଷ ଟଙ୍କା ଦାବି କରୁଥିବା ମଧ୍ୟ ସେ ଅଭିଯୋଗ କରିଥିଲେ । ଏହାବ୍ୟତିତ ଆଶିଷ ମିଶ୍ର ନାମକ ଅନ୍ୟଜଣେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ ତାଙ୍କ ପିତା ଚିତ୍ତରଞ୍ଜନ ମିଶ୍ରଙ୍କ ନାମରେ ପଟ୍ଟାମୁଣ୍ଡାଇ ଓ ମାର୍ଶାଘାଇରେ ଦୁଇଟି ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଦୋକାନ ରହିଛି । ତାଙ୍କ ବାପାଙ୍କ ଦେହ ଅସୁସ୍ଥ ଦୃଷ୍ଟିରୁ ଦୋକାନ ଦୁଇଟିର ଲାଇସେନ୍ସ ତାଙ୍କ ନାମକୁ ସ୍ଥାନାନ୍ତର ନିମନ୍ତେ ଅବକାରୀ ଅଧିକ୍ଷକ ୩ଲକ୍ଷ ଟଙ୍କା ଲାଞ୍ଚଦାବି କରିଥିଲେ । ଏହାପରେ ଅଧିକ୍ଷକ ମାସିକିଆ ୩୦ହଜାର ଟଙ୍କା ଲାଞ୍ଚି ନଦେଲେ ଦୋକାନ ସିଲ କରିଦେବେ ବୋଲି ତାଙ୍କୁ ଧମକାଉଥିବା ସେ ଅଭିଯୋଗ କରିଥିଲେ । ତାଙ୍କ ଦୋକାନର ଲାଇସେନ୍ସ ରିନ୍ୟୁଆଲ ପାଇଁ ଆଶିଷ ଗତ ମାର୍ଚ୍ଚମାସ ୩୦ତାରିଖରେ ଅନ୍ ଲାଇନରେ ଦରଖାସ୍ତ ଓ ସରକାରୀ ଦେୟ ଦାଖଲ କରି ରସିଦ ଓ ଆବେଦନ ପତ୍ର ଅବକାରୀ ଅଧିକ୍ଷକଙ୍କୁ ପାଖରେ ଦାଖଲ କରିଥିଲେ । କିନ୍ତୁ ଅଧିକ୍ଷକ ପେମେଞ୍ଚ୍ ଅନଲାଇନରେ ଶୋ କରୁନଥିବାର ଆଳ ଦେଖାଇ ତାଙ୍କ ଦୋକାନ ସିଲ କରିଦେଇଥିଲେ । ଆଶିଷ ତାଙ୍କର ଆକାଉଁଞ୍ଚ ଷ୍ଟେଟମେଞ୍ଚ ଅଧିକ୍ଷକଙ୍କୁ ଦେଖାଇ ନିରାଶ ହେବା ପରେ ପୁଣିଥରେ ଚଳିତମାସ ୨ତାରିଖରେ ସରକାରୀ ଦେୟ ପଇଠ କରି ରସିଦ ସହ ଅଧିକ୍ଷକଙ୍କୁ ଭେଟି ତାଙ୍କ ଦୋକାନ ଦୁଇଟିର ସିଲ ଖୋଲିଦେବାକୁ ନିବେଦନ କରି ବିଫଳ ହେବାରୁ ସେ ଜିଲ୍ଲାପାଳ ଓ ଅବକାରୀ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ । କେନ୍ଦ୍ରାପଡା ଅବକାରୀ ଅଧିକ୍ଷକଙ୍କ ନାମରେ ଏଭଳି ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସିବା ଓ ଲାଞ୍ଚ ମାଗୁଥିବା ଅଡିଓ ଭାଇରାଲ ହେବା ଘଟଣାର ତଦନ୍ତ ପାଇଁ ଅବକାରୀ ବିଭାଗର ଡେପୁଟୀ କମିଶନର କେନ୍ଦ୍ରାପଡାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଦେଖାଯାଉ ଆଗକୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ।

ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ । ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ମିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ । ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା । ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର । ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି । ଚାକିରୀ ବକରୀରୁ ପ୍ରତିବାଦ କରିଛି । ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଲ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ । ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ । ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି । ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧ

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି.....

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'। ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁବରଣ କରିବାକୁ ହୁଏ। ଅସଂଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ଦେଖିଥିଲେ ମଧ୍ୟ ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେ ଜଣଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କର ମନଛୁଆଁ ଅଭୁଲା କାର୍ଯ୍ୟ କଳାପ ଯୋଗୁଁ ସେମାନଙ୍କୁ ଭୁଲି ହୁଏନାହିଁ। ଏହିପରି ଜଣେ ମହିୟସୀ ମହିଳା ଥିଲେ ମୋ ମାଆ ପୂଜ୍ୟା ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ବାସନ୍ତୀ ଦେବୀ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ବାସନ୍ତୀ ଦେବୀ।

ମନେପଡୁଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଏକ ଦିବ୍ୟ ବାଣୀ। ''ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।''

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି -'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧିକା ଥିଲେ ଏହି ପରୋପକାରୀ ମହିଳା ବ୍ୟକ୍ତିତ୍ୱ। ଜୀବନକୁ ସେ କେବଳ ବଞ୍ଚିନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସେ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇ ନ ପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ତାଙ୍କ ଜୀବନ ତମାମ ସର୍ବୋପରି ଥିଲା ଅନ୍ୟମାନଙ୍କ ପାଇଁ ସମାଜ ସେବା, ଅନ୍ୟ ମାନଙ୍କ ଉପକାର, ଅନ୍ୟ ମାନଙ୍କ ପାଇଁ ହିଁ ଭଲପାଇବା। ଆଜି ତାଙ୍କ ବୋହୂ ପୁଷ୍ପଲତା ଦାସ, ନାତୁଣୀ ସାଇସ୍ମିତା ଦାସ, ସତ୍ୟସାଗର ଦାସ ସମସ୍ତେ କାନ୍ଦୁଛନ୍ତି ତାଙ୍କର ଅମର ଆତ୍ମା ପାଇଁ କିନ୍ତୁ ସେ ତାଙ୍କ ଜୀବନକୁ ନିର୍ବାହ କରିଥିଲେ ପରୋପକାର, ସମାଜ ସେବା ଓ ଆଧ୍ୟାତ୍ମିକ ଜୀବନ ପାଇଁ ସମର୍ପିତ ହୃଦୟକୁ ନେଇ। ଯେଉଁଠି ନା ଥିଲା ସ୍ୱାର୍ଥ, ନା ଥିଲା ପ୍ରଚାର, ନା ଥିଲା ପ୍ରସାର ? ଆଜି ତମାମ କେନ୍ଦୁପାଟଣା ନୁହେଁ ଓଡ଼ିଶା କାନ୍ଦୁଛି ଏହି ମହିୟସୀ ବ୍ୟକ୍ତିତ୍ୱଙ୍କ ପାଇଁ। କାରଣ ତାଙ୍କର ଜୀବନର ସମର୍ପଣ ଥିଲା ଅନ୍ୟମାନଙ୍କ ସେବା, ଅନ୍ୟମାନଙ୍କ ଉନ୍ନତି, ଅନ୍ୟମାନଙ୍କ ପ୍ରଗତି। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ। ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଜୀବନରେ ତ୍ୟାଗ, ଉତ୍ସର୍ଗ, ଭଲ ପାଇବା, ପରୋପକାର, ଅନ୍ୟମାନଙ୍କ ସମର୍ପଣ ବଡ଼ କଥା। ଏହାହିଁ ଆମମାନଙ୍କ ପାଇଁ ପ୍ରେରଣା ଉତ୍ସ ହେଉ, ଏହାହିଁ କାମନା।

ବରୁଥିନି ଏକାଦଶୀ

ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ। ରାଜା ଅତ୍ୟନ୍ତ ଧାର୍ମିକ ଥିଲେ। ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା। ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ। ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା। ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା। ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ। ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ।

ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା। ରାଜା ଶୋକାତୁର ହୋଇପଡ଼ିଲେ। ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ ! ଶୋକ କରନାହିଁ। ତୁମେ ମଥୁରା ଯାଇ ସେଠାରେ ବରୁଥିନି ଏକାଦଶୀ ବ୍ରତ ରଖ। ମୋର ବରାହ ଅବତାରକୁ ପୂଜା କର। ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତ କରିବ। ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି। ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ବରୁଥିନି ଏକାଦଶୀ ବ୍ରତ କଲେ। ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ।

ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ବରୁଥିନି ଏକାଦଶୀ କୁହାଯାଇଥାଏ। ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି। ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ। କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ।

କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତଙ୍କ ରାଜସ୍ୱ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଗତ ୧୮ ତାରିଖ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ରାଜସ୍ୱ ଆଦାୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ରତୁରାଜ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର(ରାଜସ୍ୱ) ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଡେରାବିଶ ତହସିଲଦାର ନମିତା ବାରିକ ଏବଂ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କରି ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଫଇସଲା ହୋଇନଥିବା ବିଭିନ୍ନ ରାଜସ୍ୱ ମାମଲା, ଜବରଦଖଲ ମାମଲା, ଦାଖଲ ଖାରଜ ମାମଲା, ଓଏଲଆର(୮କ) ମାମଲା, ଓଏଲଆର(୧୯-୧ଗ)ମାମଲା, ଭୂ-ବନ୍ଦୋବସ୍ତ ମାମଲା, ସୀମା ନିର୍ଦ୍ଧାରଣ ଇତ୍ୟାଦି ମାମଲାଗୁଡିକୁ ଆସନ୍ତା ୧୭ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅଧିନରେ ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟଗୁଡିକ ପାଇଁ ଜମି ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କ୍ଷୁଦ୍ରଲଘୁ ଖଣିଜ ପଦାର୍ଥରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ୧୮କୋଟି ୬୯ଲକ୍ଷ ୮୭ହଜାର ୮୪୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଥିଲା। ଅନଧିକାର ଲଘୁଖଣିଜ ଦ୍ରବ୍ୟ(ବାଲି ଓ ମାଟି)ର ଉ ାଳନ ଓ ଏହାର ପରିବହନ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ ତହସିଲଦାରମାନଙ୍କୁ ରାଜସ୍ୱ ଆୟୁକ୍ତ ଶ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଏହାର ଅନଧିକାର ଅଧିଗ୍ରହଣକୁ ଉଚ୍ଛେଦ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ।

ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷଙ୍କ ଘରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର କଲୋନୀରେ ରହୁଥିବା ସାହସପୁର କଲେଜ୍‌ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତରଂଜନ ମହାନ୍ତିଙ୍କ ଘର ଝରକା ତାଡ଼ି ଚୋରମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର, ଦାମି ମୋବାଇଲ୍ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ଶ୍ରୀ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ପହ ି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ରକାଶ ଯେ, ଶ୍ରୀ ମହାନ୍ତି ତାଙ୍କ ବଡ଼ଭାଉଜଙ୍କ ଦେହାନ୍ତ ହେବାରୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ । ଘରେ ତାଙ୍କ ପୁଅ, ବୋହୂ, ନାତି ଓ ସମୁଦୁଣୀ ଥିଲେ । ଅନ୍ୟ ରୁମ୍‌ରେ ପରିବାର ଲୋକେ ଶୋଇ ଯାଇଥିଲେ । ରାତି ପ୍ରାୟ ୨ଟାରେ ଚୋରମାନେ ଶ୍ରୀ ମହାନ୍ତିଙ୍କ ଘରପଛ ପାର୍ଶ୍ୱ ଝରକା ଗ୍ରିଲ୍ ତାଡ଼ି ତାଙ୍କ ରୁମ୍‌ରେ ପ୍ରବେଶ କରିଛନ୍ତି । ଉକ୍ତ ରୁମ୍‌ର ଷ୍ଟିଲ୍ ଆଲମିରାରେ ଥିବା ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଏକ ହୀରାମୁଦି, ୨ଟି ସୁନା ଚେନ୍, ୩ଟା ସୁନାମୁଦି, ଗୋଟିଏ ଆଇଫୋନ୍, ୩ଟି ମୋବାଇଲ୍ ଓ ୪୦ହଜାର ଟଙ୍କା ଚୋରମାନେ ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି । ଏସବୁର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଚୋରମାନେ ଉକ୍ତ ରୁମ୍‌ର ଭିତର ପଟୁ କବାଟ ବନ୍ଦ କରି ଦେଇଥିବାବେଳେ ଘରେ ଫିଙ୍ଗା ଫୋପଡ଼ା କରିଛନ୍ତି । ଏଥିସହ ଝରକାରେ ଏକ ଲୁହା କ ାରେ ଇଂରାଜୀ ଅକ୍ଷରରେ କିଛି ଲେଖି ତାକୁ କାଟି ଦେଇଥିବା ବେଳେ ସିଗାରେଟ୍ ଟାଣି ଫିଙ୍ଗିଛନ୍ତି । ଶ୍ରୀ ମହାନ୍ତି ଭୋରରୁ ପୁରୀରୁ ଫେରି ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ରାତି ୧.୫୨ରୁ ୨.୪୦ ମଧ୍ୟରେ ୩ଜଣ ଦୁର୍ବୃତ ଏହି ଲୁଟ୍‌ପାଟ୍ କରିଥିବା ଶ୍ରୀ ମହାନ୍ତିଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ଜଣାପଡ଼ିଛି । ସେହିପରି ସମାନ ଢଙ୍ଗରେ ପଡୋଶୀ ବାସନ୍ତୀ ମଲ୍ଲିକଙ୍କ ଝରକା ଗ୍ରିଲ୍ ତାଡ଼ି ଚୋରମାନେ ତାଙ୍କ ଘରେ ପ୍ରବେଶ କରିଥିଲେ । ତାଙ୍କ ଘରେ କେହି ନଥିବା ବେଳେ କୌଣସି ମୂଲ୍ୟବାନ ସାମଗ୍ରୀ ନଥିବାରୁ ଚୋରମାନେ ଫିଙ୍ଗାଫୋପଡ଼ା କରି ଫେରି ଯାଇଥିବା ଜଣାପଡ଼ିଛି । ସନ୍ଧାନୀ କୁକୁର ଓ ସାଇ ିଫିକ୍ ଟିମ୍ ଆଣି ଘଟଣାର ଅଧିକ ତଦନ୍ତ କରାଯିବାର ପୁଲିସ୍ ସୂଚନା ଦେଇଥିଲେ । ଏହିପରି ଭାବେ ଜାରକା ଅ ଳରେ ଘରେ କେହି ନଥିଲେ ଝରକା ଗ୍ରିଲ୍ ତାଡ଼ି ଉକ୍ତ ଚୋରଦଳ ବାରମ୍ବାର ଲୁଟ୍‌ପାଟ୍ କରୁଥିଲେ ହେଁ, ପୁଲିସ୍ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରୁନାହିଁ । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅ ଳବାସୀ ଦାବି କରିଛନ୍ତି।

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା

କେନ୍ଦୁଝର (ପିଏନ୍):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍‌ଏନ୍‌ସିୟୁରେ ଗତ ୮ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭଂଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି. ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରାୟୋଜିତ : କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରୟୋଜିତ କହିଲା କଂଗ୍ରେସ। ଏଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି। ଏହି ବିବାଦକୁ ଏଡ଼ାଇବାକୁ ଚୁଲି ଭଙ୍ଗାଯାଇଛି। ଖନନ ନେଇ ଶାସକ ଦଳ ଲୋକସଭାରୁ ବିଧାନସଭା ଯାଏ ଅଡୁଆରେ ପଡ଼ିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୋଲିସ ଡିଜି ଓ ମୁଖ୍ୟ ପ୍ରଶାସକ, ଯେଉଁଭଳି ଭାବେ ଶ୍ରୀମନ୍ଦିର ଗସ୍ତ କରିଥିଲେ ସେହି ତତ୍ପରତା ଦେଖାଇ ରୋଷଘରର ରକ୍ଷଣାବେକ୍ଷଣ ଦାୟିତ୍ୱ ଯଦି ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟିନଥାନ୍ତା। ପୋଲିସ ଡିଜିଙ୍କ ଗସ୍ତ କେବଳ ଲୋକଦେଖାଣିଆ। ସରକାର ଏଥିପ୍ରତି ଉଦାସୀନ। ଏହି ପ୍ରସଙ୍ଗକୁ ଯେଉଁ ଭଳି ଭାବେ ଗମ୍ଭୀରତାର ସହ ନେବା କଥା, ତାକୁ ନେଇନାହାନ୍ତି। ଚୋର ଚୋରିକରି ଧନ ନେବାପରେ ଖୋଜିବା ଯାହା, ପୋଲିସ ଖୋଜିବା ସହ ତାହା ସମାନ। ସେ କହିଛନ୍ତି ଯେ ଜଗନ୍ନାଥ ହେରିଟେଜ୍ କରିଡ଼ର ଖନନ ବାବଦରେ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି। ବିଧାନସଭାଠୁ ସଂସଦ ଯାଏ ଅପଦସ୍ତ ହୋଇଛନ୍ତି। ବିଧାନସଭାରେ ଭୁଲ ଉତର ରଖିଛନ୍ତି ରାଜ୍ୟ ସରକାର। ତାଙ୍କର ସାଂସଦ ମଧ୍ୟ ଲୋକସଭାରେ ଭୁଲ ଉତର ରଖିଛନ୍ତି। ସାରା ରାଜ୍ୟରେ ସରକାରୀ ବାବୁ, ସରକାରୀ ସାଂସ

ମୋ ସହର

ଟାଉନ ଥାନା ପୋଲିସର ଚଢାଉ: ୭୯ଲିଟର ବିଦେଶୀ ମଦ ଜବତ ସହ ଜଣେ ଗିରଫ

କେନ୍ଦ୍ରାପଡ଼ା, (ପି.ଏନ): ଏକ ବିଶେଷ ସୁତ୍ରରୁ ଖବର ପାଇ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ପକ୍ଷରୁ ଚଢାଉ କରାଯିବା ଫଳରେ ୭୯ଲିଟର ୨୦୦ମିଲି ଲିଟର ବିଦେଶୀ ମଦ ଜବତ କରାଯାଇଛି। ଟାଉନ ଥାନା ଇନିସପେକ୍ଟର ଦିଲ୍ଲିପ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସବଇନିସପେକ୍ଟର ରତିରଞ୍ଜନ ନାୟକ ପୋଲିସ ଫୋର୍ସ ସହିତ ଚଢାଉ କରି ଟାଉନ ଥାନା ଅନ୍ତର୍ଗତ ଏକଣାଖଣ୍ଡି ଛକ ନିକଟରେ ବୁଧବାର ସକାଳ ୧୦ଟାରେ ଏକ ଟିଭିଏସ ଜୁପିଟର ସ୍କୁଟି(ଓଡି-୨୯-ଜି-୨୮୯୧)ଯୋଗେ ଯାଉଥିବା ବେଳେ ତାଙ୍କ ନିକଟରୁ ୮ପେଟି ବିଦେଶୀ ମଦ (୭୯ଲିଟର ୨ଶହ ମିଲି ଲିଟର ବିଦେଶୀ ମଦ) ସହ ସ୍କୁଟିକୁ ଜବତ କରିଥିଲେ। ଏଥିସହିତ ପୋଲିସ ସ୍କୁଟି ଚାଳକ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଆରିପଦା ଗ୍ରାମର ଶାନ୍ତନୁ କୁମାର ମଲିକଙ୍କ ପୁଅ ପ୍ରଭାତ କୁମାର ମଲ୍ଲିକ(୨୫)କୁ ଗିରଫ କରି ଥାନାକୁ ଆଣିଥିଲେ। ବଳଗଣ୍ଡିର ଏକ ମଦ ଦୋକାନରୁ ଏହି ମଦ ନେଇ ସେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସଂସାରଫଳ କଣ୍ଢାବଣକୁ ଯାଉଥିବା ପ୍ରଭାତ ପୋଲିସକୁ କହିଛି। ଓଡିଶା ଅବକାରୀ ଆଇନ -୨୦୦୮ର ଧାରା ୫୨ରେ ଥାନା କେଶ ନଂ- ୭୨/୨୦୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପ୍ରଭାତ ମଲିକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ସୁଧାସ୍ମିତା ପୃଷ୍ଟି ସୂଚନା ଦେଇଛନ୍ତି। ପ୍ରଭାତ ଠାରୁ ଏକ ମୋବାଇଲ ଫୋନ ପୋଲିସ ଜବତ କରିଛି।

ଧର୍ମଶାଳା ସାହିତ୍ୟ ସମାଜର ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର କାର୍ଯ୍ୟକାରୀ କମିଟି ବୈଠକ ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, କବି ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ଦୀନବନ୍ଧୁ ତ୍ରିପାଠୀ, ଅର୍ଜୁନ ଚରଣ ପୃଷ୍ଟି, ଗୋଲକ ଚନ୍ଦ୍ର ପଲେଇ, କୁମରବର ନାୟକ, ରାଧାଶ୍ୟାମ ସାହୁ, ଅଖିଳ କୁମାର ସ୍ୱାଇଁ, ବେଣୁଧର ଦାସ ଓ ଯୁଗଳ କିଶୋର ଦାସ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ଚଳିତ ବର୍ଷ ୫ଟି ମୁଖ୍ୟ କାର୍ଯ୍ୟକ୍ରମ ଓ ୭ଟି ମାସିକ ଆଲୋଚନାଚକ୍ର ହେବାକୁ ନିଷ୍ପତି ହୋଇଥିଲା । ସେହିପରି ସାହିତ୍ୟ ସମାଜର ମୁଖପତ୍ର ଗଙ୍ଗଶିଉଳି ପତ୍ରିକା ଓ ଦୋଳ ସଂଖ୍ୟା ପ୍ରକାଶ ପାଇବା ସହିତ ଭ୍ରମ୍ୟମାଣ ସଭା ହେବ ବୋଲି ସ୍ଥିର କରାଯାଇଥିଲା । ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ କବି ସୁବାସ ସାହୁ ଧନ୍ୟବାଦ ଦେଇଥିଲେ ।

କଥାକାର ଭୀମ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,(ପିଏନ୍): ଧର୍ମଶାଳା ମହାବିଦ୍ୟାଳୟରେ ଆଜି ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାକାର ଭୀମ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କଲେଜ୍ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କଲେଜ୍ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ 'ସମୁଦ୍ର ମଣିଷ' ଉପନ୍ୟାସ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ 'ଜମ୍ବୁଲୋକ' ଉପନ୍ୟାସ ପାଇଁ ମର୍ଯ୍ୟାଦାଜନକ ସାରଳା ପୁରସ୍କାର ପାଇବାରେ ଶ୍ରୀ ପୃଷ୍ଟି ଧର୍ମଶାଳା ଅଂଚଳର ପ୍ରଥମ ସାହିତ୍ୟିକ ବୋଲି କହିଥିଲେ। ପ୍ରାଧ୍ୟାପକ ଶ୍ରୀ ପୃଷ୍ଟି ଏହି କଲେଜ୍‌ରେ ଓଡ଼ିଆ ବିଭାଗ ମୁଖ୍ୟଭାବେ ଦାୟିତ୍ୱ ସଂପାଦନ କରି ଅବସର ଗ୍ରହଣ କରିଥିଲେ। ଅଧ୍ୟାପକ ଆଶିଷ ଦାଶ, ଦୀପକ ଶତପଥୀ ଓ ବିଜୟ କୁମାର କର ଶ୍ରୀ ପୃଷ୍ଟିଙ୍କ ଅଧ୍ୟାପନା ଓ ସାହିତ୍ୟକୃତୀ ସଂପର୍କରେ ଆଲେକପାତ କରିଥିଲେ । ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତି ଅତିଥି ପରିଚୟ, ପ୍ରାଧ୍ୟାପକ ସ୍ୱରୂପାନନ୍ଦ ପଣ୍ଡା ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଓ ପୀତବାସ କର ସମ୍ବର୍ଦ୍ଧନା ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କଲେଜ୍ ଓ ଓଡ଼ିଆ ବିଭାଗ ପକ୍ଷରୁ ଶ୍ରୀ ପୃଷ୍ଟିଙ୍କୁ ମାନପତ୍ର, ଉତରୀୟ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ କଲେଜ୍ ମୁଖପତ୍ର 'କସ୍ତୁରୀ'କୁ ଉନ୍ମୋଚନ କରାଯାଇଥିଲା । ସମ୍ବର୍ଦ୍ଧନା ଉତରରେ ଶ୍ରୀ ପୃଷ୍ଟି ନିଜ ଭବିଷ୍ୟତ ନିଜେ ଗଢ଼ିବା ସହିତ ଓ ମଣିଷକୁ ଭଲପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦୀପକ ଶତପଥୀ ମାନପତ୍ର ପାଠ ଓ ଅଧ୍ୟାପକ ଡ. ବସନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ରୀଷ୍ମ ଜନିତ ଜଳକଷ୍ଟ ନିବାରଣ ପାଇଁ ବନ୍ଦର ଓ ପୌର ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ପାରାଦୀପ,(ପି.ଏନ): ବନ୍ଦର ସହର ପାରାଦୀପରେ ଗ୍ରୀଷ୍ମ ପ୍ରବାହ ଜନିତ ଜଳ କଷ୍ଟ ଆଶଙ୍କାରେ ପାରାଦୀପ ବନ୍ଦର ଓ ପୌରପାଳିକା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି କ୍ଷ ସହରକୁ ପାରାଦୀପ ବନ୍ଦରର ବାଲିଝରା ଜଳ ଭଣ୍ଡାରରୁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ । ତାଳଦଣ୍ଡା କେନାଲ ରୁ ଜଳ ସଂଗୃହିତ ହୋଇ ବିଶୋଧନ କରାଯାଇ ସହର ଓ ବସ୍ତି କୁ ଏହି ଜଳ ଯୋଗାଇ ଦିଆଯାଇଥାଏ । ତେବେ ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ତାଳଦଣ୍ଡା କେନାଲ ରେ ଜଳ ଯୋଗାଣ ଅଭାବ ଯୋଗୁଁ ସହରରେ ଜଳ କଷ୍ଟ ସମ୍ଭାବନା କୁ ଦୃଷ୍ଟିରେ ରଖି ବନ୍ଦର ପ୍ରଶାସନ ପକ୍ଷରୁ ସହରକୁ ନିୟନ୍ତ୍ରିତ ଭାବେ ଜଳ ଯୋଗାଇ ଦିଆଯାଉଛି । ଏତଦବ୍ୟତୀତ ବନ୍ଦର କଲୋନୀ କିମ୍ବା ପୌରାଞ୍ଚଳର ସମସ୍ତ ୱାର୍ଡ ର ଯେକୌଣସି ସ୍ଥାନରେ ପାନୀୟ ଜଳ ଅଭାବ ଓ ଅଭିଯୋଗ ଆସିଲେ ପୌର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଚାରୋଟି ପାଣି ଟାଙ୍କି ଗାଡି ମାଧ୍ୟମରେ ସେସବୁ ସ୍ଥାନକୁ ଜଳ ଯୋଗାଇଦିଆଯିବ ବୋଲି ପୌରାଧକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି କ୍ଷ ସୂଚନାଥାଉକି, ପୂର୍ବରୁ ପାରାଦୀପ ସହରରେ କେବେ ପାନୀୟ ଜଳ ସମସ୍ୟା ଦେଖା ଯାଇନଥିଲା କ୍ଷ ତେବେ ସମ୍ପ୍ରତି ତାଳଦଣ୍ଡା କେନାଲ ରେ ଜଳ ଯୋଗାଣ ଅଭାବ ଏବଂ ବାଲିଝରା ଜଳ ଭଣ୍ଡାର ର ଗଭୀରତା କମିଥିବାରୁ ଏଭଳି ସମସ୍ୟା ଉପୁଜିଥିବା ନେଇ ଶୁଣାଯାଉଛି।

ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୧ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ, ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।

2024-2025 2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday April 11, 2024 | ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୧୧,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଭତ୍ତା ଓ ଆବାସ ଘର ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ ନିରଞ୍ଜନ

ଜେନାପୁର,(ପି.ଏନ୍) କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଅସହାୟ ଓ ଭିନ୍ନକ୍ଷମଙ୍କ ପାଇଁ ଭତ୍ତା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ବାସ୍ତବ ଚିତ୍ର ଓଲୋଟା ଦେଖିବାକୁ ମିଳେ । ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ରଘୁନାଥପୁର ଗ୍ରାମର ଦିବ୍ୟାଙ୍ଗ ନିରଞ୍ଜନ ରାଉତ (୪୫) ସରକାରୀ ଯୋଜନାରେ ଘର ଓ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ବୃତ୍ତିରେ ସେ ଜଣେ ଦିନ ମଜୁରିଆ ଭାବେ ପ୍ରତିଦିନ କାମ କରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳିଯାଏ । ପରିବାର କହିଲେ ସ୍ତ୍ରୀ ଓ ଏକ ଝିଅଙ୍କୁ ନେଇ ତିନି ପ୍ରାଣୀର କୁଟୁମ୍ବ । ଆଜିର ବଜାର ଦର ଯେପରି ହୁ ହୁ ହୋଇ ବଢି ଚାଲିଛି ପରିବାର ଚଳେଇବା ନିରଞ୍ଜନ ପ୍ରତି ସମ୍ଭବ ହେଉ ନାହିଁ , ଯାହା ପାରିଶ୍ରମିକ ମିଳେ ସେଥିରେ ମନ କେବେ ଉଣା ନକରି ସଂସାର ଦୁଃଖ କଷ୍ଟରେ ଚଳିଯାଉଛି । ପୁଣି ଅପରପକ୍ଷେ ଦେଖିବାକୁ ଗଲେ ତାଙ୍କୁ ସବୁଦିନ କାମ ମିଳେ ନାହିଁ ବଜାର ଦରକୁ ପରିବାର ବୋଝ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ଦୁଃଖ ପରିତାପର ବିଷୟ ତାଙ୍କ ଦିବ୍ୟାଙ୍ଗ ଶରୀର ବି ଅଧିକାଂଶ ସମୟରେ ସଠିକ୍ ଭାବେ କାମ କରିବାକୁ ଶକ୍ତି ମିଳିନଥାଏ । ଏପରି ପରିସ୍ଥିତିରେ ସେ ବହୁ କଷ୍ଟରେ ପରିବାର ଜଞ୍ଜାଳର ସମୟ ଅତିବାହିତ କରିଥାନ୍ତି । ଆର୍ଥିକ ପରିସ୍ଥିତି ଅଭାବ ଯୋଗୁଁ ଭଲ ଗଣ୍ଡେ ଖାଇବା ତ ଦୂର କଥା ଦିନରେ ଗୋଟିଏ ଓଳି ଖାଇଲେ ପରିବାର ଅନ୍ୟ ଓଳି ଭୋକରେ ଆଉଟ୍ ପାଉଟ୍ ହେବା ସହ ଉପବାସ୍ ରହିବାକୁ ବାଧ୍ୟ ହୋଇଥାଆନ୍ତି । ଏହି ପରିସ୍ଥିତିରେ ଘର ଖଣ୍ଡେ କରିବା ତାଙ୍କ ପାଇଁ ସମ୍ଭବ ହେଉନାହିଁ । ଦୁଃଖର ବିଡମ୍ବନା ସହ ଭାଗ୍ୟକୁ ଆଦରି ଭଙ୍ଗା ଚାଳ ଛପର ଘରେ ତାଙ୍କ ପରିବାର ସମୟ ଅତିବାହିତ କରୁଛନ୍ତି । ଗ୍ରୀଷ୍ମର ଅସହୟ ତାତିକୁ କାଳ ବୈଶାଖୀର ତାଣ୍ଡବ ଲୀଳା ଯୋଗୁଁ ବର୍ଷାରେ ଘର ଭାଙ୍ଗିପଡିବା ପରେ ଏବେ ନିରଞ୍ଜନଙ୍କ ପରିବାର ପର ଘରେ ଆଶ୍ରୟ ନେଇଛନ୍ତି । ଏ ସମ୍ବନ୍ଧରେ କୋହ ଭରା କଣ୍ଠରେ କୁହନ୍ତି, ଭଗବାନ ଆମକୁ ଯେପରି ସବୁ ଦୁଃଖ ପରିବାରରେ ଅଜାଡି ଦେଇଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ଅନ୍ୟର ସାହାରା ସାଜି ହାତ ପାତି ଚଳିବାକୁ ପଡୁଛି । ତାଙ୍କର ବାମ ପାର୍ଶ୍ୱ ଆଖି ଗତ ୧୫ବର୍ଷ ହେବ କୌଣସି କାରଣରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେ କାମ କରିବାକୁ ଇଚ୍ଛା କରୁଥିଲେ ମଧ୍ୟ ଭଲ ଭାବେ ଦେଖା ନ ଯିବାରୁ ସମାଜ ପାଇଁ ଅଲୋଡା ହୋଇଯାଇଛନ୍ତି । ଏହି ପରିସ୍ଥିତିରେ ଆବାସ ଘର ଓ ଭତ୍ତା ପାଇଁ ନିରଞ୍ଜନ ସରପଞ୍ଚ ଓ ରାଜନେତାଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟକୁ ଗୈଡି ଗୈଡି ନିରାଶ ହୋଇପଡିଛନ୍ତି । କିଛି ସରକାରୀ ଅଧିକାରୀ ଓ ରାଜନେତାଙ୍କ ଅବହେଳା ପାଇଁ ପ୍ରକୃତ ହିତାଧିକାରୀ ଏଠାରେ ଘରେ ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି । ସତେ ଯେପରି ତାଙ୍କ ପରିବାର ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଅଣଦେଖା ହୋଇ ରହିଯାଇଛି । ଏହି ଦିବ୍ୟାଙ୍ଗଙ୍କ ପ୍ରତି ବ୍ଲକ୍ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଘର ଖଣ୍ଡେ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

ଚୋରି ସାମଗ୍ରୀ ଉଦ୍ଧାର କରି ୩ ଜଣ ଙ୍କୁ କୋର୍ଟ ଚାଲାଣ କଲା ଅଭୟଚାନ୍ଦପୁର ପୋଲିସ

ପାରାଦୀପ,(ପି.ଏନ) : ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନ ପୁର ଗ୍ରାମର ଅଶୋକ ପ୍ରଧାନ ଙ୍କ ଘରୁ ଦୁଇ ମାସ ତଳେ ତାଙ୍କର ଏକ ଏଲଇଡି ଟିଭି ସମେତ ଘରୋଇ ଉପକରଣ ଚୋରି ହୋଇଥିଲା କ୍ଷ ଯେହେତୁ ସାମଗ୍ରି ଗୁଡିକୁ ଚୋରି କରିଥିବା ବ୍ୟକ୍ତିଙ୍କର କୌଣସି ସନ୍ଧାନ ମିଳି ନଥିଲା ତେଣୁ ସେ ଥାନାରେ କୌଣସି ଅଭିଯୋଗ କରିନଥିଲେ କ୍ଷ ତେବେ ଘର ମାଲିକ ଅଶୋକ ପ୍ରଧାନ ତାଙ୍କ ଗ୍ରାମର କେତେ ଜଣ ଯୁବକ ଚୋରି ସାମଗ୍ରୀ ଗୁଡିକୁ ନେଇଥିବା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ ଓ ଅଭିଯୋଗ ଅନୁସାରେ ପୁଲିସ ତ୍ରିଲୋଚନପୁରର ସୁଶାନ୍ତ ମହାପାତ୍ର, ପ୍ରକାଶ ସାହୁ ଓ ଭ୍ରମର ରାଉତକୁ ଗିରଫ କରିଛି । ତଦନ୍ତ ପରେ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଗୁଡିକୁ ପୁଲିସ ଉଦ୍ଧାର କରି ତିନି ଯୁବକଙ୍କୁ କୋର୍ଟ ଚାଲାଣ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ନେଇ ସୂଚନା ଦେଇଛନ୍ତି ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜ କିଶୋର ବେହେରା ।

ବେପାରୁଆ ଗାଡି ଚାଳନା ୩ମୃତ୍ୟୁ ୨ ଗୁରୁତ୍ୱର ୨ ଆହତ

କୋରାପୁଟ ଜିଲ୍ଲା:(ପି ଏନ୍) ଜୟପୁର ବ୍ଲକ୍ ଅନ୍ତର୍ଗତ ଧନପୁର ଗ୍ରାମ ପଞ୍ଚାୟତ ଡୁମୁରିଗୁଡ଼ା ଗ୍ରାମ ନିକଟରେ ଦୁଇଟି ବାଇକ୍ ମୁହାମୁହି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ତିନି ଜଣ ଯୁବକ ପ୍ରାଣ ହରାଇଥିବା ବେଳେ ୨ ଜଣ ଗୁରୁତ୍ୱର ଅବସ୍ଥାରେ ଚିକିତ୍ସାଧୀନ ଥିବା ଏବଂ ଅନ୍ୟ ୨ ଜଣ ଅତ୍ୟନ୍ତ ଗୁରୁତ୍ୱର ଆହତ ହୋଇଥିବା ଜଣାପଡିଛି । ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ଏସଆଇ ଆର୍ କେ ବାରିକ ପୋଲିସ ପେଟ୍ରାଲିଂ କରୁଥିବା ସମୟରେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଦୁର୍ଘଟଣା ହେଇଥିବା ସ୍ଥଳ ରୁ ଜୟପୁରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଜଣକୁ ଜୟପୁର ଘରଇ ହସ୍ପିଟାଲ ରେ ଭର୍ତ୍ତି କରିଥିଲେ ଓ ଅନ୍ୟ ଦୁଇ ଜଣଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ହେଉଥିବା ଥାନା ଅଧିକାରୀ ଶ୍ରୀ ତାଣ୍ଡି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଭଳି ଦୁର୍ଘଟଣା ପାଇଁ ଜିଲ୍ଲା ପରିବହନ ବିଭାଗ ଅଧିକାରୀଙ୍କ ଯାଞ୍ଚରେ ଅବହେଳା ଯୋଗୁଁ ଦିନକୁ ଦିନ ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଛି , କାରଣ କେବଳ ମୁଖ୍ୟ ଜାତୀୟ ରାଜପଥ ରେ ରହି ଯିବା ଆସିବା ଦୁଇ ଚକିଆ ଯାନ ଚାରି ଚକିଆ ଯାନ, ଭାରି ଯାନ ଗୁଡିକୁ ଜୋରିମାନା ଆଦାୟ ସହ ଉତ୍କୁଚ ନେଉଥାବା ସାଧାରଣରେ ଚର୍ଚ୍ଚା ହୋଇଛି ।

ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍

କେନ୍ଦ୍ରାପଡ଼ା,(ପି.ଏନ): ଭାରତର ନିର୍ବାଚନ କମିଶନ୍ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି । ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କପାଳେଶ୍ୱର ଗ୍ରାମପ ାୟତର ଗରାପୁର ମୌଜାସ୍ଥିତ ୱେୟାର୍ ହାଉସ୍‌ଠାରେ ସମ୍ପାଦନ ହେଉଛି । ପ୍ରତିଟି ଇଭିଏମ୍ ଓ ଭିଭିପାଟ୍‌ର କ୍ରମିକ ନମ୍ବରକୁ ର୍‌ୟାଣ୍ଡମ୍‌ଲି ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସହ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ସଂଯୋଗ କରାଯାଉଛି । ଏହି ରାଣ୍ଡମାଇଜେସନ୍ ପରେ ସମସ୍ତ ଇଭିଏମ୍ ଏବଂ ଭିଭିପାଟ୍‌କୁ ସଂପୃକ୍ତ ବିଧାନସଭା ଓ ଲୋକସଭାଖଣ୍ଡକୁ ପ୍ରଦାନ କରାଯିବ । ଯାହାକି ସଂପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେ ରହିବ । ପୂର୍ବ ସ୍ଥିରୀକୃତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହାକୁ ରଖି ତାଲା ଦିଆଯିବ ।

ସତ୍ୟପାଠ

ଏତଦ୍ ଦ୍ୱାରା ଖୋର୍ଦ୍ଧା ନୋଟାରୀଙ୍କ ପାଖରେ ସତ୍ୟପାଠରେ ଜଣାଇ ଅଛି କି,ମୁଁ ସମ୍ପୂର୍ଣ୍ଣା ଭଦ୍ରା,ପି -ଡ଼ଃ ବିପୁଲ କୁମାର ଭଦ୍ରା ଅବସରପ୍ରାପ୍ତ ପ୍ରଫେସର ଯାଦବପୁର ବିଶ୍ୱବିଦ୍ୟାଳୟ କୋଲକାତା, ଅଭ୍ୟୁଦୟ ଫ୍ଲାଟ ନଂ ୨୫/୮Ectp phase-iv, ଆନନ୍ଦପୁର କୋଲକାତାର(୭୦୦୧୦୭)ବାସିନ୍ଦା ଅଟେ । ଭୁବନେଶ୍ୱର କୃପାଳକ କମ୍ପ୍ୟୁଟର ଏକାଡ଼େମୀ ପକ୍ଷରୁ (୨୦୧୪-୨୦୧୫) ଶିକ୍ଷା ବର୍ଷରେ mca ବିଭାଗରୁ Bput କାର୍ଯ୍ୟାଳୟ ରୁ original certificate ଓ grade shit ପ୍ରମାଣପତ୍ର ଧରି ବସ ଯାତ୍ରା କରୁଥିବା ସମୟରେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟବର୍ତ୍ତୀ ସ୍ଥାନରେ ହଜି ଯାଇଛି । ଏଣୁ କର୍ତ୍ତୃପକ୍ଷଙ୍କୁ ଶିକ୍ଷାଗତ ପ୍ରମାଣପତ୍ର ଅବିକଳ ନକଲ ପ୍ରଦାନ କରିବାକୁ ସତ୍ୟପାଠ ଜରିଆରେ ଜଣାଉଛି ।

ବୈଶାଖୀ ଉତ୍ସବର ଜନ୍ମଦିନ

ଭୁବନେଶ୍ୱର,(ପି.ଏନ): (ଶିଖ୍ ଧର୍ମର ପ୍ରଥମ ସନ୍ଥ ସିପାହୀ ତଥା ପ୍ରଥମ ଖାଲ୍‌ସା ଓଡ଼ିଶାର (ପୁରୀ) ଓଡ଼ିଆ ପୁତ୍ର ଭାଇ ହିମ୍ମତ ସିଂହ ଜୀ ଥିଲେ) ୧୬୯୯ ମସିହା ଶିଖ୍ ପଞ୍ଜିକା ଅନୁସାରେ ବୈଶାଖ ମାସ (ସଂକ୍ରାନ୍ତି)ର ପ୍ରଥମ ଦିନ, ଶିଖ୍ ଧର୍ମର ଦଶମ ଗୁରୁ ଶ୍ରୀ ଶ୍ରୀଗୁରୁ ଗୋବିନ୍ଦ ସିଂହଜୀ, ଔପଚାରିକ ଭାବେ ସନ୍ଥ ସିପାହୀଙ୍କୁ ଅମୃତ ପାନ ଦ୍ୱାରା (ଦୀକ୍ଷିତ କରାଇ) ସଂସାରରେ ପରିଚିତ କରାଇଥିଲେ(ଅମୃତ ପାନ / ସଞ୍ଚାର) । ସମସ୍ତ ଶିଖ୍ ସନ୍ଥ ସିପାହୀଙ୍କୁ ଗୋଟିଏ ପରିବାରରେ ରୂପାନ୍ତରିତ କରି, ଖାଲ୍‌ସା ପନ୍ଥ ଭାବେ ବିଶ୍ୱକୁ ପରିଚୟ କରାଇଲେ । ବୈଶାଖୀ ଦିନ ଗୁରୁଜୀ ଶିଖ୍ ସମୂହଙ୍କୁ ଆନନ୍ଦପୁର (ପଞ୍ଜାବ) ଠାରେ ଏକତ୍ରିତ ହେବା ପାଇଁ ଅନୁରୋଧ କରିଥିଲେ । ଶିଖ୍ ପରମ୍ପରା ଅନୁଯାୟୀ, ସ୍ୱେଚ୍ଛାକୃତ ଭାବେ କିଏ ପ୍ରସ୍ତୁତ ଅଛନ୍ତି, ଯିଏ କି ପ୍ରଭୁଙ୍କ ପ୍ରତି ନିଜ ଜୀବନ ସମର୍ପିତ କରିବା ପାଇଁ ପ୍ରସ୍ତୁତ ସେ ଏହି ତମ୍ବୁ ଭିତରକୁ ଆସ । ପ୍ରଥମେ ଜଣେ ଆସିଲେ ଗରୁଜୀ ତାଙ୍କୁ ତମ୍ବୁ ଭିତରକୁ ନେଲେ । ଗୁରଜୀ ତମ୍ବୁ ଭିତରୁ ଏକା ଫେରି ଆସିଲେ ଓ ରକ୍ତାକ୍ତ ତରବାରୀ ହାତରେ ଧରି ଶୀଖ୍ ସମୂହଙ୍କ ମଧ୍ୟରେ ପ୍ରକଟ ହେଲେ । ପୁଣି ଅନ୍ୟ ଜଣେ ସ୍ୱେଚ୍ଛାକୃତ ପ୍ରଭୁ ସମର୍ପିତ ବିଶ୍ୱସ୍ତଙ୍କୁ ଆହ୍ୱାନ ଦେଲେ ଓ ପୁଣି ସେହିପରି ପୁନରାବୃତ୍ତି କରି ରକ୍ତାକ୍ତ ତରବାରୀ ସହ ଭକ୍ତଙ୍କ ସମ୍ମୁଖରେ ପ୍ରକଟ ହେଲେ । ଏହିପରି ଭାବେ ୫ ଜଣଙ୍କୁ ଆହ୍ୱାନ ଦେଲେ, ଶିଖ୍ ଭକ୍ତ ସମୁହ ତାହା ଦେଖି ସ୍ତବ୍ଧ ହେଲେ ଓ କେତେଜଣ ଭୟଭୀତ ହେଲେ । ସ୍ୱଇଚ୍ଛାରେ ଗୁରୁଜୀଙ୍କ ଆଦେଶକୁ ପାଳନ କରିଥିବା ୫ ଜଣ ଆଜ୍ଞାକାରୀ ଓ ନିଜ ଜୀବନକୁ ସମର୍ପିତ କରିଥିବା ଗୁରୁପ୍ରେମୀମାନଙ୍କୁ ଗୁରୁଜୀ ସୁରକ୍ଷିତ ଭାବେ ମଞ୍ଚରେ ଉପସ୍ଥାପନା କରିଥିଲେ । ସେମାନଙ୍କୁ ଗୁରୁଜୀ 'ପଞ୍ଚପ୍ୟାରା' ତଥା ପ୍ରଥମ ଖାଲ୍‌ସା ଭାବେ ଶିଖ୍ ପରମ୍ପରାର 'ଖାଲସା ପନ୍ଥର' ମୂଳଦୁଆ ସ୍ଥାପନ କରିଲେ । ସେମାନଙ୍କୁ ମନ୍ତ୍ର ଉଚ୍ଚାରିତ ଅମୃତ ଦ୍ୱାରା ଦୀକ୍ଷିତ ତଥା ଅଭିମନ୍ତ୍ରିତ କରାଇ 'ଖାଲସା'(ଶୁଦ୍ଧ ପୁରୁଷ) ନାମରେ ସମ୍ବୋଧନ କରିଲେ ଓ ସେହି ପାଞ୍ଚଜଣ (ପଞ୍ଚପ୍ୟାରା)ଙ୍କ ଠାରୁ ସ୍ୱୟଂ ଅଭିମନ୍ତ୍ରିତ ଅମୃତ ପାନ କରି 'ଖାଲ୍‌ସା' ଭାବରେ ପରିଚିତ ହେଲେ । ସେହି କାରଣରୁ ସେ ସ୍ୱୟଂ ଗୁରୁ ଓ ଚେଲା ଭାବେ ପରିଚିତ ହେଲେ(ଆପେ ଗୁରୁ ଆପେ ଚେଲା) । ସେହି ପଞ୍ଚପ୍ୟାରାଙ୍କ ମଧ୍ୟରେ ଭାଇ ହିମ୍ମତ ସିଂହଜୀ ପୁରୀ ନିବାସୀ (ଓଡ଼ିଶା)ର ପ୍ରଥମ ଖାଲ୍‌ସା ଥିଲେ । ଶିଖ୍ ଇତିହାସରେ ସେଥିପାଇଁ ଓଡ଼ିଶାର ନାମ ପ୍ରସିଦ୍ଧ ହୋଇ ରହିଲା । ପ୍ରତ୍ୟେକ ଖାଲ୍‌ସା ଗୁରୁଜୀଙ୍କ ନିର୍ଦ୍ଦେଶ ଅନୁସାରେ ୫ଟି 'କ'ର ଧାରଣ କରିବା ପାଇଁ ଉପଦେଶ ଦେଇଥିଲେ । (୧) କେଶ ଅପରିବର୍ତ୍ତିତ ରହିବ(କଟାଯିବ ନାହିଁ), (୨) କଂଘା(ପାନିଆ), (୩) କଡ଼ା(ଲୁହା କଙ୍କଣ), (୪) କଛେରା (ଧଳା ଅର୍ନ୍ତବାସ) ଓ (୫) କୃପାଣ(ଛୋଟ ବଙ୍କା ତରବାରୀ) । ଖାଲ୍‌ସା ଉପାଧି ସମସ୍ତ ସଂସାରକୁ ଏହି ସନ୍ଦେଶ ଦିଏ କି, ଶରୀର ଓ ଆତ୍ମା ସୁଚାରୁ ରୂପେ ବିଶ୍ୱନିୟନ୍ତାଙ୍କ ଦ୍ୱାରା ପରିଚାଳିତ ହୁଏ । ସୃଷ୍ଟିକର୍ତ୍ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ ଓ ଆଦେଶକୁ ପାଳନ କରିବା ଖାଲ୍‌ସାର କର୍ତ୍ତବ୍ୟ ଅଟେ । କୌଣସି ରାଜା କିମ୍ବା ଶାସକଙ୍କ ସମ୍ମୁଖରେ ନତମସ୍ତକ ହେବା ନୁହେଁ । ଏହି ପନ୍ଥର ସିଦ୍ଧାନ୍ତ ଅଟେ କି କେବଳ ଏକ ସଂସାର ଓ ଏକ ଜାତି, ଧର୍ମ, ବର୍ଣ୍ଣ, ରୂପ, ରଙ୍ଗ, ରାଜା ରଙ୍କ ସମସ୍ତେ ପ୍ରଭୁଙ୍କ ରଚିତ ଗୋଟିଏ ପରିବାର ଅଟେ । ଗୁରଜୀ ପ୍ରଥମେ ଖାଲ୍‌ସା ବା ପଞ୍ଚପ୍ୟାରା ମାନଙ୍କୁ ଆଲିଙ୍ଗନ କରିଲେ ଓ ସେମାନଙ୍କୁ ରୂପାନ୍ତରିତ କରାଇ ଏହି ନୂତନ ନାମରେ ସମ୍ବୋଧିତ କରିଲେ । ସେମାନେ ହେଲେ (୧) ଭାଇ ଦୟାସିଂହ ଜୀ, (୨) ଭାଇ ଧରମ ସିଂହଜୀ, (୩) ଭାଇ ହିମ୍ମତ ସିଂହଜୀ, (୪) ଭାଇ ମୋହକମ୍ ସିଂହଜୀ ଓ (୫) ଭାଇ ସାହିବ୍ ସିଂହଜୀ । ଏଇ ପଞ୍ଚପ୍ୟାରାଙ୍କୁ ଗୁରୁଜୀ ଗେରୁଆ ବସ୍ତ୍ର ତଥା କମର ବନ୍ଧା କପଡ଼ା ଦ୍ୱାରା ଖାଲ୍‌ସା ଭାବରେ ଚିହ୍ନଟ କରାଇଥିଲେ । ଏହି ପବିତ୍ର ବିଶେଷ ଉତ୍ସବ 'ପାହୁଲ' ଭାବେ ନାମିତ ଅଟେ । ଯାହା ଶିଖ୍‌ମାନେ ଏହି ଉତ୍ସବରେ ଅମୃତ ସଞ୍ଚାର ଦ୍ୱାରା ମନ୍ତ୍ରିତ ତଥା ଦୀକ୍ଷିତ ହୁଅନ୍ତି । ଗୁରୁଜୀ ଏହି ପାଞ୍ଚଜଣଙ୍କୁ ଦୀକ୍ଷିତ କରାଇଥିଲେ । ଗୁରୁଜୀ କହିଥିଲେ, ଯେଉଁଠି 'ପଞ୍ଚପ୍ୟାରା' ସେଠାରେ ମୁଁ ସ୍ୱୟଂ ପ୍ରକଟ ଅଟେ, ସେମାନେ ଯେଉଁଠି ଏକତ୍ରିତ ହୁଅନ୍ତି ସେମାନେ ସ୍ୱୟଂ ପବିତ୍ରରୁ ଅତି ପବିତ୍ର ହୋଇଯାଆନ୍ତି । ଏହି ସିଦ୍ଧାନ୍ତ ସହ ଖାଲସା ପନ୍ଥ ସ୍ଥାପନା ହୋଇଥିଲା । ଏହି ଆଦେଶ 'ଶୁଦ୍ଧ ଓ ପବିତ୍ର' (ଖାଲ୍‌ସା ପନ୍ଥର ଜନ୍ମଦିନ) ଭାବେ ପାଳନ କରାଗଲା । ସମଗ୍ର ବିଶ୍ୱରେ ଏହି ଧାର୍ମିକ ବିଶେଷ ପବିତ୍ର ଉତ୍ସବକୁ ଏପ୍ରିଲ୍ ମାସର ୧୩ କିମ୍ବା ୧୪ ତାରିଖ ଦିନ ଛୁଟି ସହ ପାଳନ କରାଯାଏ ।

୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସର ନେତୃତ୍ୱ ବିକାଶ ମିଶନ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ – ମିନାକ୍ଷୀ ନଟରାଜନ

ଭୁବନେଶ୍ୱର ,(ପି.ଏନ) : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ, କଂଗ୍ରେସ ଭବନ ଠାରେ ଏଲ୍.ଡ଼ି.ଏମ୍.(ଖରବୟରକ୍ଷସ୍ପଷସକ୍ତ ଉ ର ଙ୍ଗ ର କ୍ଷ କ୍ତ କ୍ତ ଙ୍ଗ ର ଭ ସ୍ପ ଗସସ୍ପଷସକ୍ତଭ) ସଂଯୋଜକ ମାନଙ୍କର ଏକ ପ୍ରଶିକ୍ଷଣ ବୈଠକ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି.ଆର. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦିପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ପର୍ଯ୍ୟବେକ୍ଷକ ମିନାକ୍ଷୀ ନଟରାଜନ କହିଲେ ଯେ ଯୁବଗୋଷ୍ଠିମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ ହୋଇପାରିଲେ ଦଳ ତୃଣମୂଳ ସ୍ତରରୁ ସୁଦୃଢ଼ ହୋଇପାରିବ । ସେଥିପାଇଁ କଂଗ୍ରେସ ଦଳ ଏଲ୍.ଡ଼ି.ଏମ୍. (ଖ ର ବ ୟ ର କ୍ଷ ସ୍ପ ଷ ସ କ୍ତ ଉ ର ଙ୍ଗ ର କ୍ଷ କ୍ତ କ୍ତ ଙ୍ଗ ର ଭ ସ୍ପ ଗସସ୍ପଷସକ୍ତଭ) କାର୍ଯ୍ୟକ୍ରମ ଆରମ୍ଭ କରିଛି । ବର୍ତ୍ତମାନ ଓଡ଼ିଶାରେ ଏଲ୍.ଡ଼ି.ଏମ୍. ସଂଯୋଜକମାନେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ଏବଂ ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସର ନେତୃତ୍ୱ ବିକାଶ ମିଶନ ସଂରକ୍ଷିତ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳିରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀମତୀ ନଟରାଜନ କହିଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ହର୍ଷବର୍ଦ୍ଧନ କହିଲେ ଯେ ତଳ ସ୍ତରରେ ଦଳକୁ ସୁଦୃଢ଼ କରିବା କଂଗ୍ରେସର ଲକ୍ଷ । ଲୋକମାନଙ୍କର ସୁଖ ଦୁଃଖରେ ଭାଗିଦାର ହେବା ଏବଂ ସେମାନଙ୍କର ସମସ୍ୟାକୁ ସମାଧାନ କରିବା ରେ ଏଲ୍.ଡ଼ି.ଏମ. ସଂଯୋଜକମାନେ ନିଷ୍ଠାପର ଭାବେ କାର୍ଯ୍ୟ କରୁଛନ୍ତି । ଆଗାମୀ ନିର୍ବାଚନ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ସେଥିପାଇଁ ସମସ୍ତେ ନିଜ ନିଜ